ଉତ୍ତପ୍ତ ସ୍ମାର୍ଟ ସିଟି; ୪୩ ଡିଗ୍ରୀରେ ପହଞ୍ଚିଲା ତାପମାତ୍ରା

# ବଢୁଛି ମାଟି ହାଣ୍ଡି, ସୁରେଇର ଚାହିଦା



**ରାଉରକେଲା, ୨୪।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲା ସମେତ ରାଉରକେଲା ସହରରେ ତାପମାତ୍ରା ୪୩ ଡିଗ୍ରୀରେ ପହଞ୍ଚିଛି। ଯାହା ଲୋକଙ୍କ ଦୈନନ୍ଦିନ ଜୀବନଶୈଳୀକୁ ପ୍ରଭାବିତ କରିଛି। ପ୍ରବଳ ଗରମରୁ ମୁକ୍ତି ପାଇବା ପାଇଁ ଲୋକମାନେ ପୁଣି ଥରେ ପାରମ୍ପରିକ ଉପଚାର ଆଡକୁ ମୁହାଁଇଥିବା ଦେଖାଯାଇଛି। ମାଟି ହାଣ୍ଡି ଏବଂ ସୁରେଇର ଚାହିଦା ବୃଦ୍ଧି ପାଇଛି। ଦେଶୀ ଫ୍ରିଜ୍ ଭାବରେ ଜଣାଶୁଣା ମାଟି ହାଣ୍ଡି ଏବଂ ସୁରେଇ ପାଣିକୁ ପ୍ରାକୃତିକ ଭାବରେ ଥଣ୍ଡା ରଖେ। ତେଣୁ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ଲୋକମାନେ ବହୁ ସଂଖ୍ୟାରେ ସୁରେଇ କିଣିବା ଦେଖାଯାଇଛି। ବଜାରରେ ୧୦୦ରୁ ୧୫୦ ଟଙ୍କାର ସୁରେଇ ୩୦୦ ଟଙ୍କାରେ ବିକ୍ରି ହେଉଥିବା ଜଣାପଡ଼ିଛି। ଏଥର କୁମ୍ଭାରମାନେ ଆକର୍ଷଣୀୟ ଭାବରେ ଡିଜାଇନ୍ ହୋଇଥିବା ସୁରେଇ ତିଆରି କରିଛନ୍ତି। ଯାହା କେବଳ ଉପଯୋଗୀ ନୁହେଁ ବରଂ ଦେଖିବାକୁ ସୁନ୍ଦର ହୋଇଥିବାରୁ ଲୋକଙ୍କୁ ଆକର୍ଷିତ କରୁଛି। ଏଗୁଡ଼ିକ ସହରର ପ୍ରମୁଖ ବଜାର ତଥା ବିଶ୍ରା ଛକ, ଡେଲି ମାର୍କେଟ୍, ଟ୍ରାଫିକ୍ ମାର୍କେଟ୍, କୁମ୍ଭାରପଡ଼ା, ପାନପୋଷ ଏବଂ ଇସ୍ପାତ ମାର୍କେଟରେ ଉପଲବ୍ଧ ଅଛି। ସ୍ଥାନୀୟ କୁମ୍ଭାରପଡ଼ା ଏବଂ ବନ୍ଧମୁଣ୍ଡା ଅଞ୍ଚଳର କୁମ୍ଭାରମାନେ ସହରର ବିଭିନ୍ନ ବଜାରରେ ସେମାନଙ୍କର ହାତ ତିଆରି ହାଣ୍ଡି ଓ ସୁରେଇ ବିକ୍ରି କରି ଭଲ ରୋଜଗାର କରୁଛନ୍ତି। ରାଉରକେଲା ସହର ଏବଂ ଗ୍ରାମାଞ୍ଚଳରେ ଏହି ପାରମ୍ପରିକ ପାତ୍ରର ଚାହିଦା ଏବେ ଦିନକୁ ଦିନ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି।

# ରକ୍ଷଣାବେକ୍ଷଣ ଅଭାବ; ନଷ୍ଟ ହେଉଛି ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ

**ରାଉରକେଲା, ୨୪।୪(ସମିସ)**

ସ୍ମାର୍ଟ ସିଟି ପାଣ୍ଠିରୁ ରାସ୍ତା ସୌନ୍ଦର୍ଯ୍ୟକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ସତ୍ତ୍ୱେ ରକ୍ଷଣାବେକ୍ଷଣ ଅଭାବରୁ ସହରର ଅନେକ ପ୍ରକଳ୍ପ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। କେଉଁଠି ରାସ୍ତା ପାର୍ଶ୍ୱ ଫୁଟ ପାଥର ଫେବର ବ୍ଲ ବାହାରି ଗଲାଣିତ ଆଉ କେଉଁଠି ସହର ସୌନ୍ଦର୍ଯ୍ୟକରଣ ପାଇଁ ଲାଗିଥିବା ଲାଇଟ ଖରାପ ହୋଇଗଲାଣି। ଏପରିକି ରାସ୍ତା କଡ କାନ୍ଥରେ ପେଣ୍ଟିଂ ଖରାପ ହେବା ପରେ ପୁନଃ ପେଣ୍ଟିଂ କରାଯାଉଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ବିଶ୍ୱକପ୍ ହକି ଅବ୍ୟବହିତ ପୂର୍ବରୁ ସହରକୁ ସଜା ଯାଇ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ସହରର ପ୍ରତ୍ୟେକ ଛକକୁ ଆଧୁନିକୀକରଣ କରାଯାଇ ସଜାଯାଇଥିଲା। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏବେ କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଏ ସବୁ ନଷ୍ଟ ହେବାକୁ ବସିଲାଣି। ପ୍ରାୟ ୫୦ ପ୍ରତିଶତ ରାସ୍ତା ପାଖ ଲାଇଟ୍ ଅଚଳ ହୋଇ ପଡ଼ିଛି। ଅନେକ ସାଜସଜ୍ଜା, ମୂର୍ତ୍ତି ରଙ୍ଗହୀନ ହେବା ସହ ଭାଙ୍ଗିବାକୁ ଲାଗିଲାଣି। ହନୁମାନ ବାଟିକା ଛକରୁ ବେଦବ୍ୟାସ ମନ୍ଦିର ପର୍ଯ୍ୟନ୍ତ ବ୍ୟାପକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଇଥିଲା। ହନୁମାନ ବାଟିକାରୁ ଏସ୍‌ପି ଅଫିସ ପର୍ଯ୍ୟନ୍ତ ସିଟି କେୟାର ସମେତ ଅନେକ ସୌନ୍ଦର୍ଯ୍ୟ କାରୁକାର୍ଯ୍ୟ

## ୫୦ ପ୍ରତିଶତ ରାସ୍ତାପାର୍ଶ୍ୱ ଲାଇଟ୍ ଅଚଳ

## ଫିକା ପଡ଼ିଲାଣି ସାଜସଜ୍ଜା, ଭାଙ୍ଗିରୁଜିଗଲାଣି ମୂର୍ତ୍ତି

ବିକଶିତ କରାଯାଇଥିଲା। କିନ୍ତୁ ନିମ୍ନମାନର ନିର୍ମାଣ ଏବଂ ଶୀଘ୍ର କାର୍ଯ୍ୟାନ୍ୱୟନ ଯୋଗୁଁ ଏଗୁଡ଼ିକ ଏବେ ଅବହେଳିତ ହୋଇପଡ଼ିଛି। ପଦଯାତ୍ରୀଙ୍କ ପାଇଁ ଡିଜାଇନ୍ ହୋଇଥିବା ସିମେଣ୍ଟ ବେଞ୍ଚ ଗୁଡ଼ିକ ମଧ ଭାଙ୍ଗି ଅବ୍ୟବହୃତ ହୋଇଗଲାଣି। ସେହିପରି ବେଦବ୍ୟାସ ରୋଡରେ ୨୦ କୋଟି ଟଙ୍କାରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା ବେଳେ ଏବେ ଏହାର ଅବସ୍ଥା ନ କହିଲେ ଭଲ। ସେହିପରି ଅନ୍ୟାନ୍ୟ ଅଞ୍ଚଳରେ ମହଙ୍ଗା ଫୁଲ ଗଛ ଏବଂ ସାଜସଜ୍ଜା ସବୁଜିମା ମଧ ଲଗାଯାଇଥିଲା। ତଥାପି ଉପଯୁକ୍ତ ଯତ୍ନ ଅଭାବରୁ ଅଧିକାଂଶ ଗଛ ଅଳ୍ପ ସମୟ ମଧ୍ୟରେ ମଧ୍ୟରେ ଭାଙ୍ଗିରୁଜି ନଷ୍ଟ ହୋଇଗଲା। ସେହିପରି ଗୁଡ୍ସ ଡିପୋରୁ ଟିମ୍ବର କଲୋନୀ ଦେଇ ବିଏସଏନଏଲ କାର୍ଯ୍ୟାଳୟକୁ ଯାଇଥିବା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମଧ ଅବହେଳା ଯୋଗୁଁ ଏବେ ଖରାପ ହେବାରେ



ମରି ଗଲାଣି। ଫୁଟପାଥିରେ ଲାଗିଥିବା ଫେଭର ବ୍ଲକ ଏବଂ ଟାଇଲ୍ସଗୁଡିକ ମଧ ଅନେକ ସ୍ଥାନରେ ଭାଙ୍ଗି ଯାଇଛି। ଯାହା ପଦଯାତ୍ରୀମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଜିଲ୍ଲା ଖଣିଜ ପାଣ୍ଠି ବ୍ୟବହାର କରି ବେଦବ୍ୟାସ ଠାରୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତା କଡ଼ରେ ସୁନ୍ଦର ମହଙ୍ଗା ଗଛ ଏବଂ ସିମେଣ୍ଟ ପାତ୍ର ଲଗାଯାଇଥିଲା। କିନ୍ତୁ ଏହା ମଧ ଗୋଟିଏ ବର୍ଷ ଲାଗିଛି। ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି, ବିଭାଗ ଏବଂ ଠିକାଦାରଙ୍କ ମଧ୍ୟରେ ସମନ୍ୱୟର ଅଭାବ, ରକ୍ଷଣାବେକ୍ଷଣରେ ଅବହେଳା ଯୋଗୁଁ କୋଟି କୋଟି ଟଙ୍କାର ପ୍ରକଳ୍ପ ବିଫଳ ହେଉଛି। ସହରର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଗୁଡ଼ିକୁ ପୁନରୁଦ୍ଧାର କରିବା ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



**ବଣାଇଁ, ୨୪।୪(ସମିସ):** ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଗମଲେଇ ଗ୍ରାମର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭାସ୍କର ଷ୍ଟିଲ ଏଣ୍ଡ ଫେରୋଏଲ ପ୍ରାଇଭେଟ ଲିମିଟେଡ ଓ ରାଉରକେଲା ହାଇଟେକ୍ ମେଡିକାଲ କଲେଜର ମିଳିତ ସହଯୋଗରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଗମଲେଇ ସହ ଆଖପାଖ ଅଞ୍ଚଳର ଶତାଧିକ ମହିଳା, ପୁରୁଷ, ବୃଦ୍ଧ ଓ ଯୁବକମାନେ ଯୋଗଦେଇ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ରୋଗୀମାନଙ୍କୁ ମାଗଣା ଔଷଧ ବଣ୍ଟନ ସହିତ ଆବଶ୍ୟକ ଚିକିତ୍ସା ପରାମର୍ଶ ମଧ ଯୋଗାଇ ଦିଆଯାଇଥିଲା। ଶିବିରରେ ରାଉରକେଲା ହାଇଟେକ୍ ମେଡିକାଲ କଲେଜର ବିଭିନ୍ନ ବିଭାଗର ଡାକ୍ତରମାନେ ଉପସ୍ଥିତ ରହି ସେବା ପ୍ରଦାନ କରିଥିଲେ। ଚକ୍ଷୁ ବିଭାଗର ଡାକ୍ତର ଦିଗଦର୍ଶନ ସାହୁ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ସୌମ୍ୟ ରଞ୍ଜନ ସାହୁ, ଅସ୍ଥିଶଲ୍ୟ ବିଭାଗର ଡାକ୍ତର ଅଂଶୁମାନ ସ୍ୱାଇଁ, ସାଧାରଣ ଚିକିତ୍ସକ ଡାକ୍ତର ଅମ୍ଲାନ ଅଭିଷେକ ଓ ଡାକ୍ତର ପ୍ରତୀକ ମହାନ୍ତି ରୋଗୀମାନଙ୍କୁ ପରୀକ୍ଷା କରିଥିଲେ। ଏହି ତିନିଦିନିଆ ଶିବିରରେ ହାଇଟେକ୍ ମେଡିକାଲ କଲେଜର ମାର୍କେଟିଂ ମ୍ୟାନେଜର ଉମେଶ କୁମାର ସିଂହରମ ସହିତ ଅନ୍ୟାନ୍ୟ ଷ୍ଟାଫ୍ କର୍ମଚାରୀମାନେ ଯୋଗଦେଇ ସମନ୍ୱୟ କାର୍ଯ୍ୟରେ ସହଯୋଗ କରିଥିଲେ। ଭାସ୍କର ପ୍ଲାଣ୍ଟର ପ୍ଲାଣ୍ଟ ମ୍ୟାନେଜର ରାଜ କୁମାର ପଣ୍ଡା, ସୁରକ୍ଷା ଅଧିକାରୀ ଠାକୁର ଲୋକନାଥ ମହାନ୍ତି, ଇଏଚଏସ ମ୍ୟାନେଜର ଅନୁପମ ମୈତ୍ର ଓ ଫାଷ୍ଟଏଡ ଇନଚାର୍ଜ ଆଲୋକ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

■ ସିଆଇଟିୟୁର ସମ୍ପାଦକ ମଣ୍ଡଳୀ ବୈଠକ

# ବରିଷ୍ଠତା ଆଧାରରେ ଶ୍ରମିକଙ୍କୁ ଲାଇସେନ୍ସ କ୍ୱାର୍ଟର ପ୍ରଦାନ ଦାବି

**ରାଉରକେଲା, ୨୪।୪ (ସମିସ):** ବରିଷ୍ଠତା ଆଧାରରେ ରାଉରକେଲା ଇସ୍ପାତ କାରଖାନାର ଯୋଗ୍ୟ ଶ୍ରମିକଙ୍କୁ ଲାଇସେନ୍ସ କ୍ୱାର୍ଟର ପ୍ରଦାନ ପାଇଁ ସିଆଇଟିୟୁ ପକ୍ଷରୁ ଦାବି କରାଯାଇଛି। ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କ ସଭାପତିତ୍ୱରେ ଏନେଇ ଏକ ସମ୍ପାଦକ ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆରଏସପିର ଲାଇସେନ୍ସ କ୍ୱାର୍ଟର ଆବଣ୍ଟନରେ ହୋଇଥିବା ଅବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ସେଲ୍‌ରେ ରେକର୍ଡ ପରେ ରେକର୍ଡ ଉତ୍ପାଦନ ଓ ଲାଭ ହୋଇଥିଲେ ମଧ ଶ୍ରମିକମାନଙ୍କର ୧୦ ବର୍ଷ ପରେ ମଧ ଏନଜେସିଏସ୍ ଚୁକ୍ତିନାମା ହୋଇନଥିବା ମତ ପ୍ରକାଶ ପାଇଥିଲା। ସେହିପରି ୩୯ ମାସର ଏରିଅର ନ ମିଳିବା ସହ ବହୁ ଶ୍ରମିକ ବର୍ତ୍ତମାନ ଅବସର ସମୟରେ ପ୍ରାୟ ୧୦ ଲକ୍ଷ ପର୍ଯ୍ୟନ୍ତ କମ୍ପାନି ପାଖରେ ହରାଇଛନ୍ତି। ଆରଏସପିର ହଜାର ହଜାର କ୍ୱାର୍ଟର ଖାଲି ପଡ଼ି ଘର ଗୁଡିକ ଭାଙ୍ଗିରୁଜି ଯାଉଛି। ବିଶେଷ କରି ବଡ କ୍ୱାର୍ଟର, ବଙ୍ଗଳା ଗୁଡିକ ଭୂତକୋଠୀ ହେବାସହ ଅସାମାଜିକ କାର୍ଯ୍ୟକଳାପ ବଢୁଛି। ଓଡ଼ିଶାର ଅନ୍ୟତମ ସବୁଜ ସୁନ୍ଦର ରାଉରକେଲା ସେକ୍ଟର ଅଞ୍ଚଳ କ୍ରମଶଃ ବସ୍ତିମୟ ହେବାରେ ଲାଗିଛି। ଏଥିପାଇଁ କର୍ତ୍ତୃପକ୍ଷଙ୍କ ଉଦାସୀନତା ଓ ଭୁଲ ପଦକ୍ଷେପ ଦାୟୀ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରକ୍ରିୟାରେ ଲାଇସେନ୍ସ କ୍ୱାର୍ଟର ପ୍ରଦାନ ନୀତିରେ ପରିବର୍ତ୍ତନ କରାଯାଉଥିବାରୁ ଏଥିପାଇଁ ଅଧିକାଂଶ ଶ୍ରମିକ କ୍ୱାର୍ଟର ପାଇବାରୁ ବଞ୍ଚିତ ହେବା ସହ ଅବସରପ୍ରାପ୍ତ ଶ୍ରମିକଙ୍କୁ ଅଧିକ ଟଙ୍କାରେ ବିକ୍ରି ପାଇଁ ଅନୈତିକ ପ୍ରତିଯୋଗିତା କରାଯାଇଛି। ଘର ଆବେଦନ ଫର୍ମ ପାଇଁ ୬ ହଜାର ଟଙ୍କା ଆଦାୟ କରାଯିବା ମଧ ଅନ୍ୟାୟ ବୋଲି ଅଭିଯୋଗ ହୋଇଛି। ଏ ସମସ୍ତ ଅଭିଯୋଗ ସମ୍ବଳିତ ଏକ ଦାବିପତ୍ର ସିଆଇଟିୟୁ ତରଫରୁ ପ୍ରଦାନ କରାଯାଇଥିବା ବେଳେ ଅବସର ଶ୍ରମିକ ଓ ଇସ୍ପାତ ଶ୍ରମିକଙ୍କୁ ନେଇ ଧାରଣା କରାଯିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଛି। ଯେଉଁ କ୍ୱାର୍ଟରରେ ଶ୍ରମିକ ରହୁଛନ୍ତି ସେମାନଙ୍କୁ ସେହିଘର ପ୍ରଦାନ କରାଯିବା, ସର୍ବନିମ୍ନ ବିଡିଂ ଉପର ବରିଷ୍ଠତା ଆଧାରରେ ପ୍ରଦାନ କରାଯିବା, କ୍ୟାନସର, ହାର୍ଟ ଓ କିଡନି ଜନୀତ ଶ୍ରମିକଙ୍କୁ ବିଶେଷ ଧ୍ୟାନ ଦିଆଯିବା, ଖାଲି କ୍ୱାର୍ଟର ରକ୍ଷଣାବେକ୍ଷଣ ସଠିକ ଭାବରେ କରାଯିବା ଓ ସେକ୍ଟର ଅଞ୍ଚଳର ଡ୍ରେନ, ଆଲୋକ ବ୍ୟବସ୍ଥା, ରାସ୍ତାଘାଟ ମରାମତି କରାଯିବା ପାଇଁ ଦାବି କରାଯାଇଥିବା ଜଣାପଡ଼ିଛି। ଏତଦବ୍ୟତୀତ ଗ୍ରୀଷ୍ମ ସମୟରେ ଆରଏସପି ରେଷ୍ଟ ହାଉସ ଗୁଡିକରେ ଏସି ଲଗାଇବା, ପାନୀୟ ଜଳର ବ୍ୟବସ୍ଥା ସହ ଠିକା ଶ୍ରମିକମାନଙ୍କୁ ବାଧ୍ୟ ଓଆରଏସ୍ ପ୍ରଦାନ ଓ ଶୀତଳ ସେବା ପ୍ରଦାନ ପାଇଁ ସାଧାରଣ ସମ୍ପାଦକ ବସନ୍ତ ନାୟକ ମତ ପ୍ରକାଶ କରିଥିଲେ। ଏହି ବୈଠକରେ ରତ୍ନାକର ନାୟକ, ଜୀବନ ବାରିହା, ଯଜ୍ଞେଶ୍ୱର ସାହୁ, ପ୍ରଦୀପ ସେଠୀ, ସଂଗ୍ରାମ ସାମଲ, ସୁଦର୍ଶନ ଜେନା, ପ୍ରଦୋଶ ପରିଡ଼ା, ସଞ୍ଜୟ ନାୟକ, ଶିବରାମ ବେହେରା, ଅକ୍ଷୟ ରାଉତ, ପିକେ ଶଡଙ୍ଗୀ, ପର୍ଶୁରାମ ଜେନା, ସନ୍ତୋଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ତତ୍କାଳ ମାନ୍ୟତା ଯୋଜନାରେ ପ୍ଲେଟ୍ ମିଲ୍ ଠିକା କର୍ମଚାରୀ ପୁରସ୍କୃତ




**ରାଉରକେଲା, ୨୪।୪(ସମିସ):** ଏପ୍ରିଲ ୧୮ ତାରିଖ ଦିନ ପ୍ଲେଟ୍ ମିଲ୍ ବିଭାଗରେ ରାଉରକେଲା ଇସ୍ପାତ କାରଖାନାର ତତ୍କାଳ ମାନ୍ୟତା ଯୋଜନା ଅଧୀନରେ ଏକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସିଜିଏମ (ପ୍ଲେଟ୍ ମିଲ୍ ଏବଂ ଏସପିପି) ଏତୱା ଓରାମ୍ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ପ୍ଲେଟ୍ ମିଲ୍ ଅଞ୍ଚଳରେ ନିୟୋଜିତ ୩୦ ଜଣ ଠିକା କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏଚଆରସିଏଲସିର ପ୍ରତିନିଧି, ସମ୍ପୃକ୍ତ ଠିକାଦାର ଏବଂ ଠିକା କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ଓରାମ୍ ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ସର୍ବାଧିକ ସୁରକ୍ଷା ସହିତ ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ ସମାପ୍ତ କରି କାରଖାନା ଏବଂ ବିଭାଗର ଉତ୍ପାଦନରେ କିପରି ଉନ୍ନତି ଆସିଛି ତାହା ଉପରେ ଆଲୋକପାତ କରିଥିଲେ। ଉକ୍ତ ଉତ୍ସବରେ ମେସର୍ସ ଡୋରା କନଷ୍ଟ୍ରକ୍ସନ, ମେସର୍ସ କେସି କନଷ୍ଟ୍ରକ୍ସନ, ମେସର୍ସ ଆଶା ଏଣ୍ଟରପ୍ରାଇଜ ଏବଂ ମେସର୍ସ ବୈଭବ ଏଣ୍ଟରପ୍ରାଇଜେସର ଠିକା ଶ୍ରମିକମାନଙ୍କୁ କାର୍ଯ୍ୟ ଶୃଙ୍ଖଳା, ଫର୍ଣ୍ଣେସ ଏବଂ ସ୍କେଲ୍ ଚ୍ୟାନେଲ ସଫା କରିବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଥିଲା। ପ୍ଲେଟ ମିଲ ବିଭାଗର ଡେପୁଟି ମ୍ୟାନେଜର ରୋଷନ କୁମାର, କାର୍ଯ୍ୟକ୍ରମର ସଂଯୋଜନା କରିଥିଲା ବେଳେ ମ୍ୟାନେଜର (ପ୍ଲେଟ୍ ମିଲ୍) ଶକ୍ତି ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ।

# ସ୍ୱତନ୍ତ୍ର ଇସ୍ପାତ ଉତ୍ପାଦନରେ ଆର୍‌ଏସ୍‌ପିର ସଫଳତା ହାସଲ

**ରାଉରକେଲା, ୨୪।୪(ସମିସ):** ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍ (ସେଲ)ର ଏକ ୟୁନିଟ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି), ପ୍ରତିରକ୍ଷା, ଶକ୍ତି, ଅଟୋମୋଟିଭ୍ ଏବଂ ବୈଦ୍ୟୁତିକ କ୍ଷେତ୍ର ପାଇଁ ଉଚ୍ଚ-ମୂଲ୍ୟ ବିଶିଷ୍ଟ ସ୍ୱତନ୍ତ୍ର ଇସ୍ପାତର ସଫଳ ପରୀକ୍ଷଣ ଏବଂ ଉତ୍ପାଦନ ସହିତ ଉତ୍ପାଦ ବିକାଶରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି। ଏହାର ପ୍ରମୁଖ ସଫଳତା ମଧ୍ୟରେ ହଟ୍ ଷ୍ଟ୍ରିପ୍ ମିଲ୍-୨(ଏଚଏସଏମ-୨)ରେ ଆରଏଚଓବି ପ୍ରକ୍ରିୟା ମାଧ୍ୟମରେ ଡିଏମଆର ୨୪୯ଏ ଏଚଆର ପ୍ଲେଟ୍‌ଗୁଡ଼ିକର ସଫଳ ପରୀକ୍ଷଣ ଅନ୍ତର୍ଭୁକ୍ତ। ଯାହାକି ଉତ୍କୃଷ୍ଟ ଶକ୍ତି ଏବଂ କଠିନତା ସହିତ ନୌସେନା ପ୍ରୟୋଗ ପାଇଁ ପ୍ରସ୍ତୁତ। ଆରଏସପି ନୂତନ ପ୍ଲେଟ୍ ମିଲ୍ ଓ



ସ୍ୱତନ୍ତ୍ର ପ୍ଲେଟ୍ ପ୍ଲାଣ୍ଟ ରୁଟ୍ ମାଧ୍ୟମରେ ୧୪୯୨ ଟନ୍ ଓଜନର ଏସଏସଟିଏମଏ୩୮୭ କ୍ଲାସ୍୨ (ଜିଆର.୧୧/୧୨) ସାଧାରଣ ଏବଂ ଟେମ୍ପର୍ଡ ପ୍ଲେଟ୍ ମଧ ଯୋଗାଇଥିଲା, ଯାହା ବଏଲର୍ ଏବଂ ରିଆକ୍ଟରରେ ଉଚ୍ଚ-ତାପମାନ ଚାପନିରୋଧୀ ଜାହାଜ ପାଇଁ ଏକ ଆଦର୍ଶ। ବୈଦ୍ୟୁତିକ ଇସ୍ପାତରେ, ଆରଏସପି ବୈଦ୍ୟୁତିକ ମେସିନ୍ ପାଇଁ ଅଲ୍ଟ୍ରା-କମ୍ କାର୍ବନ (୦.୦୩-୦.୦୬ ପ୍ରତିଶତ) ସହିତ ଗ୍ରେଡ୍-୧ ଏସଆଇ କେ.ଏଚଆର କଏଲଗୁଡ଼ିକୁ ରୋଲ୍ କରିଛି। ଆରଏଚଓବି ରୁଟ୍ ବ୍ୟବହାର କରି ଷ୍ଟିଲ୍ ମେଲ୍ଟିଂ ସପ୍-୨ (ଏସଏମଏସ-୨) ବିଭାଗ ମାଧ୍ୟମରେ ଉଚ୍ଚ-ଗ୍ରେଡ୍ ସିଆରଏନଓ ସିଟ୍ (୫୦ସି୪୭୦/୫୦ସି୪୦୦) ତିଆରି କରାଯାଇଥିଲା, ଯାହା ଦକ୍ଷ ମୋଟର ଏବଂ ଟ୍ରାନ୍ସଫର୍ମର ପାଇଁ ଅତ୍ୟନ୍ତ ଉଚ୍ଚ ମାନର। ଅଟୋମୋଟିଭ୍ କ୍ଷେତ୍ର ପାଇଁ, ଏଚଏସଏମ-୨ ରେ ଆଇଏସ ୧୧୫୧୩ ସିଆର ୪ ଅନୁସାରେ ଅତିରିକ୍ତ ଡିପ୍ ଡ୍ରଇଂ ଷ୍ଟିଲ୍ (ଇଡିଡି) ଉତ୍ପାଦନ କରାଯାଇଥିଲା, ଯାହା ଅସାଧାରଣ ଫର୍ମାବିଲିଟି ସହିତ କାର୍ ବଡି ଭଳି ଜଟିଳ ଡିପ୍-ଡ୍ରନ୍ ଉପାଦାନଗୁଡ଼ିକୁ ସାର୍ଥକ କରି ପାରିବ। ଏହି ଉନ୍ନତିଗୁଡ଼ିକ ମୂଲ୍ୟଯୁକ୍ତ ଉତ୍ପାଦ, ପ୍ରଯୁକ୍ତିବିଦ୍ୟା ନବସୃଜନ ଏବଂ ରଣନୈତିକ ସାମଗ୍ରୀରେ ଆତ୍ମନିର୍ଭରଶୀଳତା ପ୍ରତି ଆରଏସପିର ପ୍ରତିବଦ୍ଧତାକୁ ପୁନଃ ସ୍ଥାପନା କରିଛି, ଯାହା ଭାରତର ପ୍ରତିରକ୍ଷା ଆଧୁନିକୀକରଣ, ସ୍ୱଚ୍ଛ ଶକ୍ତି ଏବଂ ଯାନବାହାନ ନିର୍ମାଣ ଲକ୍ଷ୍ୟକୁ ପୂର୍ଣ୍ଣ ସମର୍ଥନ କରିପାରିବ। ସୂଚନାଯୋଗ୍ୟ ଯେ, ନିଜର ଶ୍ରେଷ୍ଠ ମାନବସମ୍ବଳ ଉପଯୋଗ କରି ଆରଏସପି ଏହାର ଅପଷ୍ଟ୍ରିମ୍ ଏବଂ ଡାଉନଷ୍ଟ୍ରିମ୍ ସୁବିଧାଗୁଡ଼ିକରୁ ସ୍ଥାୟୀ, ଚିରନ୍ତନୀ ଇସ୍ପାତ ନିର୍ମାଣରେ ନେତୃତ୍ୱ ନେଇ ଆସୁଅଛି।

# ନାରୀଶକ୍ତି ବନ୍ଦନ ଅଧିନିୟମ ନାକଚ ପାଇଁ କଂଗ୍ରେସକୁ ଦାୟୀ କଲା ବିଜେପି

**ରାଉରକେଲା, ୨୪।୪(ସମିସ):** ନାରୀ ଶକ୍ତି ବନ୍ଦନ ଅଧିନିୟମ ଚିଠା ପ୍ରସ୍ତାବ ଲୋକସଭାର ଭୋଟିଂରେ ନାକଚ ହୋଇଯିବା ପରେ ଭାରତୀୟ ଜନତା ପାର୍ଟି (ବିଜେପି) ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ସହରରେ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ଏଥିପାଇଁ କଂଗ୍ରେସକୁ ଦାୟୀ କରିଛି। ଏହି କ୍ରମରେ ଗୁରୁବାର ରାଉରକେଲା ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ଲୋକସଭାରେ ମହିଳା ବିଲ୍, ନାରୀଶକ୍ତି ବନ୍ଦନ ଅଧିନିୟମ ସମେତ ଡି ଲିମିଟେସନ ବିଲ୍ (ଚିଠା ପ୍ରସ୍ତାବ) ଭୋଟିଂରେ ନାକଚ ହୋଇଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ, ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ, ରାଜ୍ୟ ଅଳ୍ପ ସଂଖ୍ୟକ ମୋର୍ଚ୍ଚା ସଭାପତି ଗୁରିନ୍ଦର ସିଂ, ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ କମିଶନର ସଦସ୍ୟା କଳ୍ପନା ଲେଙ୍କା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରମିଳା ଦାସ, ଜିଲ୍ଲା ମୁଖପାତ୍ର




ଗଙ୍ଗାଧର ଦାଶ ପ୍ରମୁଖ ଯୋଗ ଦେଇ କହିଛନ୍ତି। ନାରୀଶକ୍ତି ବନ୍ଦନ ଅଧିନିୟମ, ଅନ୍ୟ ଦୁଇଟି ବିଲ୍ ସହିତ ଭୋଟିଂରେ କଂଗ୍ରେସ ସମେତ ଅନ୍ୟାନ୍ୟ ବିରୋଧି ଦଳର ବିରୋଧ ଯୋଗୁଁ ଲୋକସଭାରେ କାଟ ଖାଇଯାଇଥିବାରୁ ବିଜେପି ପକ୍ଷରୁ ଏହାକୁ ସମାଲୋଚନା କରାଯାଇଥିଲା। ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଭାରତର ସଂସଦରେ ମହିଳାଙ୍କ ସାଂସଦଙ୍କ ସଂଖ୍ୟା କମ୍ ଥିଲାବେଳେ ଓଡ଼ିଶା ବିଧାନସଭାର ୧୪୭ ଆସନ ମଧ୍ୟରୁ ୧୧ ଜଣ ମହିଳା ବିଧାୟିକା ଅଛନ୍ତି, ଯାହା ମହିଳାଙ୍କୁ ପ୍ରତିନିଧିତ୍ୱ ଦେବା ପାଇଁ ନଗଣ୍ୟ ହୋଇଛି। ମହିଳା ବିଲ୍ ସହ ନାରୀଶକ୍ତି ବନ୍ଦନ ଅଧିନିୟମ ଦ୍ୱାରା ମହିଳାଙ୍କୁ ଲୋକସଭା ଏବଂ ବିଧାନସଭାରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଦ୍ୱାରା ହୋଇପାରିବ ବୋଲି ବିଶ୍ୱାସ କରାଯାଏ। ନାରୀଶକ୍ତି ବନ୍ଦନ ଅଧିନିୟମ ଦ୍ୱାରା ମହିଳାଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ସଚେତନତା ସୃଷ୍ଟି କରାଯାଉଛି। ସେହିପରି ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ କହିଥିଲେ, ବିରୋଧୀ ଦଳମାନେ ଚାହାଁନ୍ତି ନାହିଁ ଯେ ମହିଳାମାନେ ଆଗକୁ ଆସନ୍ତୁ। ମହିଳା ତଥା ଜନଜାତି ମହିଳା କିପରି ଆଗକୁ ଆସିପାରିବେ ଏବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଜିର ଏହି ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରମିଳା ଦାସ ନାରୀଶକ୍ତି ବନ୍ଦନ ଅଧିନିୟମକୁ ନେଇ ବିରୋଧୀ ଦଳର ବିରୋଧକୁ ନିନ୍ଦା କରିଥିଲେ। ଶେଷରେ ଜିଲ୍ଲା ବିଜେପି ମୁଖପାତ୍ର ଗଙ୍ଗାଧର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ରାଜ୍ୟ କରାଟେ ଚାମ୍ପିଅନସିପ୍

# ୨୨ ଜଣିଆ ରାଉରକେଲା ଦଳର ଭୁବନେଶ୍ୱର ଯାତ୍ରା




**ରାଉରକେଲା, ୨୪।୪(ସମିସ):** ଓଡ଼ିଶା ରାଜ୍ୟ କରାଟେ-ଡୋ ଆସୋସିଏସନ, ଓସ୍କା ଆନୁକୂଲ୍ୟରେ ଚଳିତ ଏପ୍ରିଲ ମାସ ୨୪ ରୁ ୨୬ ତାରିଖ ପର୍ଯ୍ୟନ୍ତ ୩୮ତମ ସବ୍ ଜୁନିଅର ଓ ୩୭ତମ କ୍ୟାଡେଟ, ଜୁନିଅର ରାଜ୍ୟ କରାଟେ ଚାମ୍ପିଅନସିପ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ଅନୁଷ୍ଠିତ ହେବ। ଓସ୍କା ଦ୍ୱାରା ସ୍ୱୀକୃତି ପ୍ରାପ୍ତ ରାଉରକେଲା କରାଟେ ସଂଘ ପକ୍ଷରୁ ଗତ ୧୯ ତାରିଖରେ ରବିବାର ଦିନ ଏକ ଚୟନ ଶିବିରର ଆୟୋଜନ କରାଯାଇଥିଲା। ବିଶ୍ୱ କରାଟେ ଫେଡେରେସନର ଜଜ ରାଜୀବ କୁମାର ସିଂହ ଏହି ଶିବିରକୁ ପରିଚାଳନା କରି କରାଟେକାମାନଙ୍କୁ ଚୟନୀତ କରିବା ସହ ପ୍ରତିଯୋଗିତା ମୂଳକ କରାଟେ ପାଇଁ ଆଧାରିତ ନୂତନ ନିୟମାବଳୀ ସମ୍ବନ୍ଧରେ ପ୍ରତିଯୋଗୀ ମାନଙ୍କୁ ଜଣାଇଥିଲେ। ଚୟନୀତ ୨୨ ଜଣ କରାଟେକା ହେଲେ ପ୍ରିୟାଂଶି ଦାସ, ସାଚି ମିଶ୍ର, ଅସୀମି ଅଦିତି ମିଶ୍ର, ଶୁଭଶ୍ରୀ. ଏସ. ନାଥ, ରିହାଂଶୀ ପ୍ରଧାନ, ଆରାଧ୍ୟା ଜୈସ୍ୱାଲ, ଅନିକେତ ସିଂ, ଅଙ୍କୁଶ ଦୁଆରୀ, ରୋଶନ ଜୈନ, ରେୟାଂଶ ଚୌଧୁରୀ, ଡି. ଧନୁଶ, ଶ୍ରୀତମ ଦାଶ, ଆଦିତ୍ୟ ସରଙ୍ଗୀ, ଆର୍ଣ୍ଣଦିତ୍ୟ ସ୍ୱାଇଁ, ଲିପି ଖଡିଆ, କୌଶିକ ତାନ୍ତି, ରୋହନ ଖାଡ଼ିଆ, ପି. ରୁଦ୍ରାଂଶ, ଆଦିତ୍ୟ ଖାଡ଼ିଆ, ନିଧାନ ସିଂମାନ, ଓମ ସାହୁ ପ୍ରମୁଖ। ଏହି ୨୨ ଚୟନିତ ଖେଳାଳିମାନେ ରାଜ୍ୟ କରାଟେ ଚାମ୍ପିଅନସିପ୍‌ରେ ନିଜ ନିଜ ବର୍ଗରେ ରାଉରକେଲାକୁ ପ୍ରତିନିଧିତ୍ୱ କରିବା ପାଇଁ ଭୁବନେଶ୍ୱର ଯାତ୍ରା କରିଛନ୍ତି। ସେନସାଇ ରଞ୍ଜନ ପାତ୍ର ରାଉରକେଲା ଦଳର କୋଚ ଓ ମ୍ୟାନେଜେର ଦାୟିତ୍ୱ ତୁଲାଇବେ ବୋଲି ରାଉରକେଲା କରାଟେ ଆସୋସିଏସନର ସାଧାରଣ ସମ୍ପାଦକ ରାଜୀବ ସିଂ ଜଣାଇଛନ୍ତି। ରାଉରକେଲା କରାଟେ ସଂଘର ସଭାପତି ତଥା ବିଧାୟକ ସାରଦା ପ୍ରସାଦ ନାୟକ, ବାସନ୍ତୀ ସଂସ୍କୃତିକ ପରିଷଦ, ରାଉରକେଲା ସହର ସେବା ସମିତିର କର୍ମକର୍ତ୍ତା ପ୍ରମୁଖ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ମହାଘୋଟାଲା

# ୨ ଟି ୱାର୍କ କୋର୍ଡ ବ୍ୟବହାର କରି ଲକ୍ଷାଧିକ ଟଙ୍କା ହରିଲୁଟ୍

**ଲହୁଣୀପଡ଼ା, ୨୪।୪(ସମିସ)**

ଲହୁଣୀପଡ଼ା ବ୍ଲକରେ ଏନ୍‌ଆର୍‌ଇଜିଏସ କର୍ମ ନିଯୁକ୍ତି ଯୋଜନାରେ ଏକ ବଡ଼ ଧରଣର ଘୋଟାଲା ହୋଇଥିବା ଅଭିଯୋଗ ହୋଇଛି। ୨ ଟି ୱାର୍କ କୋଡ ବ୍ୟବହାର କରି ସରକାରୀ ଟଙ୍କା ଆତ୍ମସାତ୍ କରାଯାଇଥିବା ଘଟଣା ସାମ୍ନା କୁ ଆସିଛି। ଗତ ୨୦୨୦-୨୧ ମସିହାରେ ଏମଜିଏନ୍‌ଆର୍‌ଇଜିଏସ ଯୋଜନା ମାଧ୍ୟମରେ ଲହୁଣୀପଡ଼ା ବ୍ଲକ ରାଜା ମୁଣ୍ଡା ପଞ୍ଚାୟତ ଅର୍କେଇକଳା ଗ୍ରାମର କିଷାନ ସାହି ଠାରୁ ବାଲିସୂତା ପର୍ଯ୍ୟନ୍ତ ନୂତନ ମାଟି ରାସ୍ତା ନିର୍ମାଣ ପାଇଁ ୱାର୍କ କୋଡ ୨୪୦୨୦୧୪୦୧୪/ ଆର୍‌ସି/୧୦୪୬୩୧୩୩ ଜରିଆରେ ମାଟି କାମ ହୋଇଥିବା ବେଳେ ଅନ୍ୟ ଏକ ୱାର୍କ କୋଡ ୨୪୦୨୦୧୪୦୧୪/ ଆର୍‌ସି/୧୦୪୧୫୧୦୪ ବ୍ୟବହାର କରି ମେଟେରିଆଲ କାମ ହୋଇଥିବା ଦର୍ଶାଯାଇ ସରକାରୀ ଟଙ୍କାକୁ ବିଲ କରାଯାଇ ୨୦୨୪ ମେ ୧୭ ତାରିଖରେ ୨୮୪୫୫୬ ଟଙ୍କା ଭେଣ୍ଡର ଜରିଆରେ ବିଲ କରାଯାଇ ଆତ୍ମସାତ୍ କରାଯାଇଥିବା ଜଣାପଡ଼ିଛି। ୨୦୨୦-୨୧ ମସିହାରେ ମାଟି, ମୋରୁମ ଏବଂ କଲଭର୍ଟ ପାଇଁ ଏମଜିଏନଆର୍‌ଇଜିଏସ ଯୋଜନାରେ ଉକ୍ତ ନୂତନ ରାସ୍ତା ନିର୍ମାଣ ପାଇଁ ୯.୫ ଲକ୍ଷ ଟଙ୍କା ସରକାରଙ୍କ ତରଫରୁ ମଞ୍ଜୁର କରାଯାଇଥିବା ବେଳେ ୨୦୨୦-୨୧ରେ ମାଟି କାମ ବାବଦକୁ ୧ ଲକ୍ଷ ୫୦ ହଜାର ୬୨୨ ଟଙ୍କା ଖର୍ଚ୍ଚ କରାଯାଇଥିବା ଜଣାପଡ଼ିଥିଲା। ତେବେ ରାସ୍ତାରେ ମାଟି ପଡ଼ିଛି, କିନ୍ତୁ ସେହି ରାସ୍ତାରେ ଅନ୍ୟ ଏକ କୋଡ ବ୍ୟବହାର କରି ୨୦୨୪ ମେ ୧୭ରେ ମେଟିରିଆଲ ବାବଦକୁ ୨୮୪୫୫୬ ଟଙ୍କା ବିଲ କରାଯାଇଥିବା ବେଳେ ସେହି ରାସ୍ତାରେ କିଛି ବି ମେଟିରିଆଲ କାମ ହୋଇନଥିବା ଦେଖିବାକୁ ମିଳିଛି। ଯାହାକି ଯୋଜନାରେ ଘୋଟାଲା ହୋଇଥିବା ସୂଚାଉଛି। ଏହାପରେ କାମ ଚାଲୁ ରହିଥିବା ଦର୍ଶାଉଛି। ଏଣୁ ଏହାର ସଠିକ ତଦନ୍ତ କରାଯାଇ ଏହି ମହାଘୋଟାଲାରେ ସାମିଲ ରହିଥିବା ଅଧିକାରୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

**ରିପୋର୍ଟ ପ୍ରଦାନରେ ଜାଣିଶୁଣି ବିଳମ୍ବ କରୁଛନ୍ତି ଅଧିକାରୀ**

ସକାଳ
THE SAKALA



www.sakalaepaper.com

### ଜଳ ଯନ୍ତ୍ରଣାରେ ଛଟପଟ ତଳକାଳିମା

# ପାଣିଟାଙ୍କି ନିର୍ମାଣର ବର୍ଷେ ପରେ ବି କାର୍ଯ୍ୟକ୍ଷମ ହେଉନି

ଲାଞ୍ଜିଗଡ଼, ୨୪।୪(ସମିସ)





ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ତଳକାଳିମା ଗ୍ରାମବାସୀ ବର୍ଷବର୍ଷ ଧରି ଦୂଷିତ ପାଣି ପିଉଛନ୍ତି। ଗାଁରେ ବସୁଧା ଜଳଯୋଗାଣ ପାଇଁ ଟାଙ୍କି ନିର୍ମାଣ ହୋଇ ବର୍ଷେ ହେଲାଣି। କିନ୍ତୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେଉନାହିଁ। ଗାଁରେ ପାନୀୟଜଳ ସମସ୍ୟା ଲାଗି ରହିଥିବା ବେଳେ ପାନୀୟଜଳ ଯୋଗାଇବାକୁ ନେଇ ତଳକାଳିମାଗ୍ରାମବାସୀ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି।ସୂଚନା ଅନୁସାରେ, ଏହି ଗାଁରେ ୫୫ରୁ ଊର୍ଦ୍ଧ୍ୱ ପରିବାର ରହୁଛନ୍ତି। ୩ ଶହରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଗାଁର ମୁଖ୍ୟ ସମସ୍ୟା ହେଉଛି ପାନୀୟଜଳ।ପଞ୍ଚାୟତ ମୁଖ୍ୟାଳୟଠାରୁ ମାତ୍ର ୫କିମି ଦୂରରେ ଥିବା ବେଳେ ବର୍ଷ ବର୍ଷ ଧରି ଗାଁରେ ପାନୀୟଜଳର ସମସ୍ୟା ଲାଗିରହିଛି। ଗ୍ରାମରେ ୨ଟି ନଳକୂଅ ଅଛି। କିନ୍ତୁ ୨ଟିରେ ମାର୍ଚ୍ଚ ମାସରୁ ହିଁ କମ୍ ପରିମାଣର ପାଣି ବାହାରୁଛି। ଗୋଟିଏ ହାଣ୍ଡି ପାଣି ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି।ତେଣୁ ଏହି ଦୁଇଟି ନଳକୂପରେ ୫୫ରୁ ଊର୍ଦ୍ଧ୍ୱ ପରିବାରଙ୍କୁ ପାଣି ନିଅଣ୍ଟ ହେଉଛି ବୋଲି ଗାଁ ଲୋକେ କହିଛନ୍ତି।୨୦୨୨ ମସିହାରେ ଖୋଳାଯାଇଥିଲା ଗାଁରେ ୨ଟି ଗଭୀର ନଳକୂଅ। କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟ ସରପଞ୍ଚ, ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଦାବି କରିବା ପରେ ୨୦୨୪ରେ ଗାଁରେ ନିର୍ମାଣ ହୋଇଛି ବସୁଧା ପାଣି ଟାଙ୍କି।ଘରକୁ ଘର ପାଣି ପାଇପ ଲାଇନ ସଂଯୋଗ ମଧ୍ୟ ହୋଇଛି।କିନ୍ତୁ ସମ୍ପୂର୍ଣ୍ଣ ହୋଇ ୧ ବର୍ଷ ବିତିଯାଇଥିଲେ ମଧ୍ୟ କାର୍ଯ୍ୟକ୍ଷମ ହେଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଅନ୍ୟପଟେ କାମ ସାରି ଠିକାଦାର ଗାଏବ ହୋଇ ଯାଇଥିବା ବେଳେ ବ୍ଲକ ଜଳଯୋଗାଣ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ଗ୍ରାମବାସୀଙ୍କ ଅଭିଯୋଗକୁ ଅତି ହାଲୁକାରେ ନେଉଛନ୍ତି।ତେବେଗ୍ରୀଷ୍ମପ୍ରବାହ ଯୋଗୁଁ ପାନୀୟ ଜଳ ଘୋର ସମସ୍ୟା ଦେଖିବାକୁ ମିଳିଛି। ଏହାକୁ ନେଇ ଅସହ୍ୟ ପରେ ଶୁକ୍ରବାର ତଳକାଳିମା ଗ୍ରାମର ପଲି ମାଝୀ, ଡାକେ ମାଝୀ, ମଦନ ମାଝୀ,

**● ବିଡ଼ିଓଙ୍କ ଦ୍ୱାରସ୍ଥ ଗ୍ରାମବାସୀ**
**● ଶନିବାରଠାରୁ ଜଳଯୋଗାଣ ପ୍ରତିଶ୍ରୁତି**

ଘନ ନାଏକ, କୃଷ୍ଣ ନାଏକ, ସୁକାନ୍ତ ନାଏକ, ମମତା ନାଏକ, ଉର୍ମିଳା ନାଏକ, ହାରବତୀ ନାଏକ, ତେଲ ଦେଇ ମାଝୀ, ମିନ୍ଦୁ ଗୌଡ଼, ତୁଳସା ମାଝୀ, ସୁଶୀଳା ନାଏକ ସମେତ ସମସ୍ତ ଗ୍ରାମବାସୀ ପ୍ରମୁଖ ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ଯାଇ ଲାଞ୍ଜିଗଡ଼ ବିଡିଓଙ୍କୁ ସାକ୍ଷାତ କରି ଦାବିପତ୍ର ଦେବାସହ ସମସ୍ୟାକୁ ଉପସ୍ଥାପନା କରିଛନ୍ତି। ସମସ୍ୟାକୁ ଗୁରୁତର ସହିତ ନେଇ ଲାଞ୍ଜିଗଡ଼ ବିଡିଓ ଶ୍ରୀ ପାତ୍ର ଆସନ୍ତାକାଲି (ଶନିବାର) ଦିନ ଠାରୁ ପିଇବା ପାଣି ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ଜଙ୍ଗଲ ନିଆଁ ଲିଭାଇଲେ ଅଗ୍ନିଶମ କର୍ମଚାରୀ



କୋକସରା, ୨୪।୪(ସମିସ): କୋକସରା ବ୍ଲକ ମହିମା ଜଙ୍ଗଲରେ ନିଆଁ ଲାଗି ବ୍ୟାପିବାରେ ଲାଗିଥିଲା। ଏନେଇ ସ୍ଥାନୀୟ ଲୋକେ ଖବର ଦେବା ପରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନା ଅନୁସାରେ, ଗୁରୁବାର ରାତିରେ ମହିମା ଜଙ୍ଗଲରେ କୌଣସି ପ୍ରକାରେ ନିଆଁ ଲାଗି ବ୍ୟାପିବାରେ ଲାଗିଥିଲା।ଖୁର୍ସେଲଗୁଡା ଗ୍ରାମବାସୀ ବନ ବିଭାଗକୁ ବାରମ୍ବାର ଫୋନ୍ କରି ଜଣାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନଥିଲା। ନିଆଁ ବ୍ୟାପି ଯାଉଥିବା ଦେଖି ତୁରନ୍ତ କୋକସରା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ। ନିଆଁଲିଭା କାର୍ଯ୍ୟରେ ଗ୍ରାମବାସୀ ଲିଙ୍ଗରାଜ ଲଦୁଆ, ଯଦୁମଣି ବାଗ, କୈଳାସ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଜଳଛତ୍ର ଉଦ୍‌ଘାଟିତ

ଭବାନୀପାଟଣା, ୨୪।୪(ସମିସ): ବିବେକ ଜଳ ତରଫରୁ ଜଳଛତ୍ର ଭବାନୀପାଟଣା ସହର କଲେଜ ଛକରେ ଉଦ୍‌ଘାଟନ ହୋଇଯାଇଛି। ଦିନକୁ ଦିନ ବଢୁଥିବା ତାପମାତ୍ରାକୁ ଦୃଷ୍ଟିରେ ରଖି ବିବେକ ଜଳର ପ୍ରତିଷ୍ଠାତା ଡ.ଶିବରାମ ନାୟକଙ୍କ ସହଯୋଗ ସହ ଉପସ୍ଥିତ ରହି ଜଳଛତ୍ର କେନ୍ଦ୍ର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅମରଲାଲ ସି, ପ୍ରସନ୍ନ ପଟ୍ଟନାୟକ, ରମେଶ ପଲେଇ, ଆଶିଷ କୁମାର ସାହୁ, ସନ୍ତୋଷ ପରିଡ଼ା, ଅଶୋକ କୁମାର ଖମାରୀ, କୁମୁଦକାନ୍ତ ବାଗ, ଦୀନବନ୍ଧୁ ଛତ୍ରିଆ, ପ୍ରଶାନ୍ତ କୁମାର ପ୍ରଧାନ, ପରୀକ୍ଷିତ ଚୌହାନ, ଗଜେନ୍ଦ୍ର ଡାକୁଆ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।




### ● କରଡାପାସ୍ ଗାଁରେ ପାନୀୟଜଳ ସଙ୍କଟ

## ଅଚଳ ଅବସ୍ଥାରେ ସୋଲାର୍ ପ୍ରକଳ୍ପ

ଥୁଆମୂଳରାମପୁର, ୨୪।୪(ସମିସ): କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ ପାଡେପଦର ପଞ୍ଚାୟତର କରଡାପାସ୍‌ଗାଁରେ ଗତ କିଛି ଦିନ ଧରି ପାନୀୟଜଳ ସମସ୍ୟା ଦେଖାଦେଇଛି। ପ୍ରାୟ ୨୫ଟି ପରିବାର ରହୁଥିବା ଗାଁର ଲୋକମାନେ ବର୍ତ୍ତମାନ ଜଳ ଅଭାବରେ ଦୂଷିତ ନାଳ ଝରଣାର ପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଗ୍ରାମରେ ଲକ୍ଷାଧିକ ଟଙ୍କା ବ୍ୟୟରେ ସ୍ଥାପିତ ଦୁଇଟି ସୋଲାର୍ ଆଧାରିତ ପାନୀୟଜଳ ପ୍ରକଳ୍ପ ରହିଥିବା ସତ୍ତ୍ୱ ତାହାର ସ୍ଥିତି ଚିନ୍ତାଜନକ। ଏଥିରୁ ଗୋଟିଏ ପ୍ରକଳ୍ପ



**ଦୂଷିତ ଝରଣା ପାଣି ପିଉଛନ୍ତି ଗ୍ରାମବାସୀ**

ଆରମ୍ଭରୁ ଅଚଳ ଅବସ୍ଥାରେ ରହିଥିବାବେଳେ, ଅନ୍ୟଟି କିଛିଦିନ ପର୍ଯ୍ୟନ୍ତ ଚାଲୁ ଥିଲା। କିନ୍ତୁ ବର୍ତ୍ତମାନ ସେହି ପ୍ରକଳ୍ପ ମଧ୍ୟ ବନ୍ଦ ପଡ଼ିଥିବାରୁ ଜଳ ଯୋଗାଣ ପୂରାପୁରି ବିଘ୍ନିତ ହୋଇଛି। ସୋଲାର୍ ପ୍ରକଳ୍ପ ବ୍ୟତୀତ ଗାଁରେ ଦୁଇଟି ନଳକୂପ ମଧ୍ୟ ରହିଛି, କିନ୍ତୁ ସେଗୁଡ଼ିକରୁ ପର୍ଯ୍ୟାପ୍ତ ପାଣି ବାହାରୁନଥିବାରୁ ଲୋକମାନେ ଅସୁବିଧାରେ ପଡ଼ିଛନ୍ତି। ବିଶେଷକରି ଗାଁର ମହିଳାମାନେ ପାଣି ପାଇଁ ଦୂରଦୂରାନ୍ତ ଯିବାକୁ ବାଧ୍ୟ ହେଉଥିବା ଅଭିଯୋଗ କରିଛନ୍ତି। ଏହି ପରିସ୍ଥିତି ସମ୍ବନ୍ଧରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ମନ୍ମଥ ମୁର୍ମୁ କହିଛନ୍ତି ଯେ, ଶୀଘ୍ର ସୋଲାର୍ ପ୍ରକଳ୍ପଗୁଡ଼ିକର ମରାମତି କରାଯାଇ ସାମାନ୍ୟ ଭାବେ ପାନୀୟଜଳ ଯୋଗାଣ ପୁନରୁଦ୍ଧାର କରାଯିବ। ଗ୍ରାମବାସୀଙ୍କ ଦାବି ହେଉଛି, ତୁରନ୍ତ ପଦକ୍ଷେପ ନେଇ ସ୍ଥାୟୀ ସମାଧାନ କରାଯାଉ, ଯାହାଦ୍ୱାରା ସେମାନେ ଶୁଦ୍ଧ ପାଣି ପାଇପାରିବେ।

### ● କଳାହାଣ୍ଡି ମାଟିର ଯୁବ କଳାକାର ଅଭିନୀତ

## ଓଡ଼ିଆ ସିନେମା 'ମନ୍ତ୍ରମୁଗ୍ଧ'ର ପ୍ରମୋ କାର୍ଯ୍ୟକ୍ରମ



ଧର୍ମଗଡ଼, ୨୪।୪(ସମିସ): ସ୍ଥାନୀୟ ଧର୍ମଗଡ଼ ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ଓଡ଼ିଆ ସିନେମା 'ମନ୍ତ୍ରମୁଗ୍ଧ' ର ପ୍ରମୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ମେ' ପହିଲାରେ ସମଗ୍ର ଭାରତର ବିଭିନ୍ନ ପ୍ରେକ୍ଷାଳୟ ରେ ଓଡିଆ ଚଳଚ୍ଚିତ୍ରର ଶୁଭମୁକ୍ତି ହେବାକୁ ଥିବାରୁ ଏହାର ଲୋକପ୍ରିୟତା ପାଇଁ 'ମନ୍ତ୍ରମୁଗ୍ଧ' ଚଳଚ୍ଚିତ୍ରର ଅନ୍ୟତମ ଅଭିନେତା ସାର୍ଥକ ଭରଦ୍ୱାଜ ଯୋଗଦାନ କରି ସମସ୍ତଙ୍କୁ ସିନେମା ହଲକୁ ଯାଇ ସିନେମା ଦେଖିବା ପାଇଁ ନିବେଦନ କରିଥିଲେ।କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ଉପାଧ୍ୟକ୍ଷା ମନିଷା ମିଶ୍ର, ସମାଜସେବୀ ହୃଷିକେଶ ମିଶ୍ର, ବରିଷ୍ଠ ସାମ୍ବାଦିକ ବିଦ୍ୟାଧର ସାହୁ, ବିରଞ୍ଚି ନାରାୟଣ ଜାଲ, ଅଂଶୁମାନ ପାତ୍ର, ଅଧ୍ୟାପକ ଲିଙ୍ଗରାଜ ପାତ୍ର, ସମାଜସେବୀ ବ୍ୟୋମକେଶ ପଣ୍ଡା, କୁମୁଦ ଚନ୍ଦ୍ର ବେହେରା, ଡା. ସୁଶାନ୍ତ ପଟ୍ଟନାୟକ, ନିର୍ମଳ ଚନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ବଙ୍କିମ ଚନ୍ଦ୍ର ମୁଣ୍ଡ ପରିଚାଳନା କରିଥିବା ବେଳେ ଅଧ୍ୟାପକ ସଞ୍ଜୀବ କୁମାର ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଅଧ୍ୟକ୍ଷା ମୂର୍ତ୍ତି ମଞ୍ଜରୀ ପଣ୍ଡା, ମାନସ କୁମାର ପଣ୍ଡା, ଶାନ୍ତନୁ କୁମାର ପରିଡ଼ା, ରାଜେଶ କୁମାର ମୁଣ୍ଡ, ମୋହନ ଚରଣ ବିଷି, ସାମ୍ବାଦିକ ଢଗ ନାଏକ ପ୍ରମୁଖ। ଉଲ୍ଲେଖଯୋଗ୍ୟ ଯେ, ଅଭିନେତା ସାର୍ଥକ ଭରଦ୍ୱାଜ ହେଉଛନ୍ତି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅନ୍ତର୍ଗତ ଗତାବନ୍ଧ ଗ୍ରାମର ଅଧ୍ୟାପକ ସୁବ୍ରତ କୁମାର ବେହେରା ଓ ଶ୍ରୀମତୀ ମୃଣ୍ମୟୀ ବେହେରାଙ୍କ ସୁପୁତ୍ର ଅଟନ୍ତି।

### ● ଉତ୍ତର ପିଢ଼ିଙ୍କ ମୁହଁରେ ବିଶ୍ୱ ପୁସ୍ତକ ଦିବସ

## ପୁସ୍ତକ ବିଶ୍ୱକୁ ଶାସନ କରିବାର କ୍ଷମତା ରଖେ



ଭବାନୀପାଟଣା, ୨୪।୪(ସମିସ): ମାନବ ସମାଜର ଅମୂଲ୍ୟ ସମ୍ପଦ ହେଉଛି ପୁସ୍ତକ। ଖଣ୍ଡେ ପୁସ୍ତକ ଯୁଗ ଯୁଗ ପାଇଁ ସାମଗ୍ରିକ ପରିବର୍ତ୍ତନର ଭାବ ବାଣ୍ଟୁଥାଏ। ପୁସ୍ତକ ହିଁ ସମଗ୍ର ବିଶ୍ୱକୁ ଶାସନ କରିବାର କ୍ଷମତା ରଖେ। ଦେଶ-ଜାତି ତଥା ସମାଜର ସଂସ୍କାର ଓ ସଂସ୍କୃତିକୁ ସଯତ୍ନ ସଜାଇ ରଖେ ପୁସ୍ତକ। ସଂଯମତା ପାଇଁ ଭଲ ପୁସ୍ତକ ଏକ ମହୌଷଧି ତୁଲ୍ୟ ବୋଲି ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦ ତରଫରୁ ଧାରାବାହିକ ୨୩୧ ସଂଖ୍ୟକ ସାରସ୍ୱତ ଆସରକ୍ରମରେ ଆୟୋଜିତ ଜିଲ୍ଲାସ୍ତରୀୟ 'ବିଶ୍ୱ ପୁସ୍ତକ ଦିବସ' ପାଳନ ଅବସରରେ ମତ ପ୍ରକାଶ ପାଇଥିଲା। ଭବାନୀପାଟଣାସ୍ଥିତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପରିସରରେ ଅନୁଷ୍ଠିତ ସାହିତ୍ୟ କାର୍ଯ୍ୟକ୍ରମକୁ ସାହିତ୍ୟିକ ଡ. ତପନ କୁମାର ରଥ ଅତିଥି ବକ୍ତାଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସଂସଦ ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ ସଂଯୋଜନା ଓ ପରିଚାଳନା କରିଥିଲେ।ଶ୍ରୀଜଗନ୍ନାଥ ସଙ୍ଗୀତ କଳା ବିଦ୍ୟାଳୟର କଣ୍ଠଶିଳ୍ପୀ ଆଶୁତୋଷ ମିଶ୍ର ପ୍ରାରମ୍ଭିକ ଗୀତ ପରିବେଷଣ କରିଥିଲେ।ଅତିଥି ଆଲୋଚକ ଭାବେ ମା'ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଛାତ୍ର ଓମ ପ୍ରକାଶ ନାଏକ, ବୃନ୍ଦାବନ ସ୍ମାର୍ଟ ସ୍କୁଲର ଛାତ୍ରୀ କୀର୍ତ୍ତି ପ୍ରଜ୍ଞା ଦାଶ, ଶାସ୍ତ୍ରୀଜୀ ଶିକ୍ଷା ନିକେତନର ଛାତ୍ର ଆଦିତ୍ୟ ନାଗ ଓ ଗଣନାଥପୁର ଉଚ୍ଚ ବିଦ୍ୟାଳୟର ବିଦ୍ୟାର୍ଥୀ ସ୍ୱାତୀ ମହାକୁଡ଼ ପୁସ୍ତକର ମହନୀୟତା ଉପରେ ବକ୍ତବ୍ୟ ରଖି ଶ୍ରୋତୃମଣ୍ଡଳୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଅନୁଷ୍ଠାନର ସାହିତ୍ୟ ପତ୍ରିକା 'ଦୀପ୍ତିସୁଧା' ସହ କବି ସ୍ୱର୍ଣ୍ଣକାନ୍ତି ବୈକାର, ଗାଳ୍ପିକା କଳ୍ପନା ରଥ, କବି ବିଶ୍ୱ ରଞ୍ଜନ ପଣ୍ଡା ଓ କବି ଐଶ୍ୱର୍ଯ୍ୟା ପ୍ରଧାନ ନିଜ ଲିଖିତ ପୁସ୍ତକ ଶିଶୁବକ୍ତାଗଣଙ୍କୁ ଉପହାର ଓ ଆଶୀର୍ବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସାହିତ୍ୟିକ ଅଶୋକ କୁମାର ଖମାରୀ, ଭବାନୀ ଶଙ୍କର ନିଆଲ, ସୁଉମ ନାଏକ, ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ସୁଧୀର ରଞ୍ଜନ ମିଶ୍ର, ସୁଶାନ୍ତ ଦାଶ, ତିଳକ ରାମ ନିଆଲ, ଯାଜ୍ଞସେନୀ ପ୍ରଧାନୀ, ଦୀପ୍ତି ମୁଣ୍ଡ, ମକରଧ୍ୱଜ ରାଉତ, ପ୍ରମୋଦ ଖମାରୀ, ସାଗର ବୈଠାରୁ, ଅରୁଣ ପାଣିଗ୍ରାହୀ, ମକୁନ୍ଦ ନାଏକ, ସଞ୍ଜୀବ ପଣ୍ଡା, କିଶୋର ମହାନନ୍ଦ, ଗୋଦାବରୀଶ ମିଶ୍ର ପ୍ରମୁଖ ଲେଖକଙ୍କ ସହ ବହୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଚିତ୍ତ ରଞ୍ଜନ କର, ଲୋକନାଥ ମାଝୀ ଓ ଉଦିତ ପାନ ସହଯୋଗ କରିଥିବାବେଳେ ଯୁବ ପ୍ରତିଭା ପ୍ରତାପ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## କେସିଙ୍ଗା ରେଳ ଷ୍ଟେସନର ବିଭିନ୍ନ ସମସ୍ୟା ନେଇ ଡିଆର୍‌ଏମ୍‌ଙ୍କ ସହ ଆଲୋଚନା



କେସିଙ୍ଗା, ୨୪।୪(ସମିସ): ଜିଲ୍ଲାର ପ୍ରମୁଖ ରେଳ ଷ୍ଟେସନ କେସିଙ୍ଗା ରେଳ ଷ୍ଟେସନର ବିଭିନ୍ନ ସମସ୍ୟା ନେଇ ସଦର ବିଧାୟକ ସାଗର ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ସାଂସଦ ପ୍ରତିନିଧି ଧନୁ ଗହିରଙ୍କ ନେତୃତ୍ୱରେ ଜିଲ୍ଲା ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ସଭାପତି ଓ ଅନ୍ୟାନ୍ୟ କଂଗ୍ରେସ ପଦାଧିକାରୀ ଶୁକ୍ରବାର କେସିଙ୍ଗା ରେଳ ଷ୍ଟେସନକୁ ଯାଇ ରେଳ ଯାତ୍ରୀଙ୍କୁ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଫୋନ୍ ମାଧ୍ୟମରେ ସମ୍ବଲପୁର ଡିଭିଜନ ଡିଆର୍‌ଏମଙ୍କ ସହିତ ଆଲୋଚନା କରିଥିଲେ।ସମସ୍ୟା ଭିତରେ ମୁଖ୍ୟତଃ ରେଳଷ୍ଟେସନ ରେ ଥିବା ୧ ଓ ୪ ନମ୍ବର ପ୍ଲାଟଫର୍ମ ରେ ପ୍ରାୟ ସମୟରେ ଟ୍ରେନ ନ ଆସି ମଝିରେ ଥିବା ପ୍ଲାଟ ଫର୍ମ ନଂ ୨ ଓ ୩ ରେ ଆସୁଥିବାରୁ ବୟୋଜ୍ୟେଷ୍ଠ ଓ ରୋଗୀମାନେ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତେଣୁ ବିଶାଖାପାଟଣାରୁ ଆସୁଥିବା ସମସ୍ତ ଟ୍ରେନକୁ ୪ ନଂ ପ୍ଲାଟ ଫର୍ମ ଓ ରାୟପୁର ପଟୁ ଆସୁଥିବା ସମସ୍ତ ଟ୍ରେନକୁ ପ୍ଲାଟ୍ ଫର୍ମ ନଂ ୧ରେ ଆସିବାର ଅନୁମତି ଦେବାପାଇଁ ଦାବି ଉପସ୍ଥାପନ କରିଥିଲେ।ଦାବି ଗୁଡ଼ାକ ଯଥା ଶୀଘ୍ର ପୂରଣ କରାଯିବା ନେଇ ଡିଆର୍‌ଏମ ପ୍ରତିଶ୍ରୁତି ଦେଇଥିଲେ।ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ଟାଉନ କଂଗ୍ରେସ ସଭାପତି ସୁଭାଷ ଜୈନ, ବରିଷ୍ଠ କଂଗ୍ରେସ ନେତା ରାମ କୁମାର ଜୈନ, ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ ଦୀପ, ଜିଲ୍ଲା ଯୁବକଂଗ୍ରେସ ସଭାପତି ମହମ୍ମଦ ସାହେବ, ରାମଜୀ ମାତଖଣ୍ଡିଆ, ବ୍ଲକ ସଭାପତି ରାହାସ ସାହୁ, ବାବୁଲାଲ ସୁନାନୀ, ଶେଷଦେବ ମାଝୀ, ଧରଣୀ ନାଏକ, ବିଶ୍ୱାସୀ ନାଏକ, ଜଗଦୀଶ ପ୍ରସାଦ ଅଗ୍ରୱାଲ, ବିନୋଦ ଜୈନ, ବସନ୍ତ ନାଏକ, ଗରୁଡ଼ ବନଛୋର, ମୋତି କୈବର୍ତ୍ତଙ୍କ ସମେତ ଅନେକ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପଞ୍ଚାୟତିରାଜ ଦିବସ

କେସିଙ୍ଗା, ୨୪।୪(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଚନ୍ଦନ ସେନାପତିଙ୍କ ସଭାପତିତ୍ୱରେ ସ୍ଥାନୀୟ ପିଏମଶ୍ରୀ ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତି ରାଜ ଦିବସ ପାଳିତ ହୋଇ ଯାଇଛି।କେସିଙ୍ଗା ବିଡିଓ ଜନ୍ମେଜୟ ସ୍ୱାଇଁଙ୍କ ନେତୃତ୍ୱରେ ପ୍ରଥମେ ଗଣେଷଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା ପରେ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ସରସ୍ୱତୀ ଶିଶୁମନ୍ଦିର ଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରା ଯାଇଥିଲା। ମୁଖ୍ୟ ଅତିଥି ଭାବେ କେସିଙ୍ଗା ଏସ୍‌ଡ଼ିପିଓ ସନ୍ଦୀପ ମାଝୀ ଯୋଗଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ସ୍ଥାନୀୟ ତହସିଲଦାର ପ୍ରଶାନ୍ତି ପ୍ରଧାନ, ସମ୍ମାନିତ ଅତିଥି ଭାବେ ସିଡିପିଓ ସୁଷମା ମିଶ୍ର ଯୋଗଦେଇଥିଲେ।ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ଯୋଗଦେଇ ଜାତୀୟ ପଞ୍ଚାୟତିରାଜର ମୂଳ ଲକ୍ଷ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିବା ସହିତ ଗ୍ରାମାଞ୍ଚଳରେ ପାନୀୟଜଳ, ବିଦ୍ୟୁତ, ରାସ୍ତାଘାଟ ଇତ୍ୟାଦି ଉନ୍ନୟନ ବିଷୟରେ ଆଲୋଚନା କରିଥିଲେ।ସ୍ଥାନୀୟ ସିଡ଼ିପିଓ ସୁଷମା ମିଶ୍ର ଜାତୀୟ ପଞ୍ଚାୟତିରାଜ ଦିବସରେ ଶୁଭଦ୍ରା ଯୋଜନା, ରକ୍ତହୀନତା, ଶିଶୁ ପୃଷ୍ଟିକର ଖାଦ୍ୟ ଉପରେ ଗୀତ ମାଧ୍ୟମରେରେ ଆଲୋକପାତ କରିଥିଲେ।କେସିଙ୍ଗା ବିଡିଓ ଉପସ୍ଥିତ ସରପଞ୍ଚ, ସମିତି ସଭ୍ୟମାନଙ୍କୁ ଆଇନ ପ୍ରଣୟନ କରିବା କଥା ଏବଂ ପଞ୍ଚାୟତ ରାଜ ଦିବସର ମୂଳ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ।କେସିଙ୍ଗା ପଞ୍ଚାୟତ ସମିତିକୁ ଜିଲା ତଥା ରାଜ୍ୟରେ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମରେ ପ୍ରଥମ କରିବା ପାଇଁ ଉପସ୍ଥିତ ସରପଞ୍ଚ, ସମିତି ସଭ୍ୟମାନଙ୍କୁ ପରାମର୍ଶ ଦେଇଥିଲେ।ମୁଖ୍ୟଅତିଥି ଏସଡ଼ିପିଓ ସନ୍ଦୀପ ମାଝୀ ପଞ୍ଚାୟତ ରାଜ ଦିବସର ମୁଳଉଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଶେଷରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ ଶିକ୍ଷକ ତପନ ଦାସ।



ଧର୍ମଗଡ଼: ଗ୍ରାମାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥା ହେଉଛି ଆମ ଗଣତନ୍ତ୍ରର ମୂଳଦୁଆ।ମିଳିମିଶି ଆମ ପଞ୍ଚାୟତ ଗୁଡ଼ିକୁ ଅଧିକ ସଶକ୍ତ କରିବା ସହ ସ୍ୱୟଂଶାସିତ ଓ ବିକଶିତ ଗାଁ ଗଠନ ପାଇଁ ସଂକଳ୍ପବଦ୍ଧ ହେବା ବୋଲି ଧର୍ମଗଡ଼ରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଅତିଥିମାନେ ପ୍ରକାଶ କରିଛନ୍ତି। ଧର୍ମଗଡ଼ ପଞ୍ଚାୟତ ସମିତି ପକ୍ଷରୁ ବିଜୁ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମଗଡ଼ ଏନ୍‌ଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଥିବା ବେଳେ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ହିମାଂଶୁ ପଣ୍ଡା, ପୁଳସ୍ତ ମାଝୀ, ଜିଲ୍ଲା ପରିଷଦ ସଭ୍ୟ ଶଙ୍କର ଜୁଏଡ, ସରପଞ୍ଚ ସଂଘର ସଭାପତି ହାତୀ ରାମ ଦୁର୍ଗା, ସମିତି ସଭ୍ୟ ସଂଘର ସଭାପତି ସରୋଜ କୁମାର ଶବର ଯୋଗ ଦେଇଥିଲେ।ଧର୍ମଗଡ଼ ବିଡିଓ ସଦାଶିବ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନିରଞ୍ଜନ ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଧର୍ମଗଡ଼ ବ୍ଲକର ନୂତନ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରାଯିବା ସହ ଗ୍ରାମୀଣ ଆବାସ ଯୋଜନା ଓ ମନେରେଗା ଯୋଜନାରେ ଉତ୍ତମ ପ୍ରଦର୍ଶନ ପାଇଁ ବିଭିନ୍ନ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ଭଟାଗୁଡ଼ାରେ ରୋମାଞ୍ଚକର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଶିରୀମସ୍କା ଚାମ୍ପିଅନ

ଥୁଆମୂଳରାମପୁର, ୨୪।୪(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ କିଆପଦର ପଞ୍ଚାୟତ ଭଟାଗୁଡ଼ା ଗାଁରେ ମାଁ ଦୁର୍ଗା ଯୁବ ଅନୁଷ୍ଠାନର ପରିଚାଳନାରେ ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଗୁରୁବାର ଦିନ ରୋମାଞ୍ଚକର ଫାଇନାଲ ସହ ଶେଷ ହୋଇଛି। ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଏ'ଏବଂ ବି'ଦୁଇଟି ଗ୍ରୁପ୍ ରେ ୮ଟି ଲେଖାଏଁ ଦଳ ଭାଗ ନେଇଥିଲେ। ଗ୍ରୁପ୍ ଏ'ରେ ରାଇଲାପଡ଼ାକୁ ପରାଜିତ କରି ଶିରୀମସ୍କା ଫାଇନାଲକୁ ପ୍ରବେଶ କରିଥିବାବେଳେ, ଗ୍ରୁପ୍ ବି'ରେ ଟିଟ୍ରିପଡ଼ାକୁ ହରାଇ କାଣିଗୁମା ଫାଇନାଲରେ ପହଞ୍ଚିଥିଲା। ଫାଇନାଲ ମ୍ୟାଚ୍‌ରେ କାଣିଗୁମା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭର୍‌ରେ ୮ ୱିକେଟ୍ ହାରାଇ ୯୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଶିରୀମସ୍କା ଦଳ ଜୋରଦାର ଖେଳ ପ୍ରଦର୍ଶନ କରି ମାତ୍ର ୮ ଓଭର୍‌ରେ ୪ୱିକେଟ୍ ହାରାଇ ୯୫ ରନ୍ କରି ଚାମ୍ପିଅନ ହେବାର ସମ୍ମାନ ଅର୍ଜନ କରିଥିଲା। ମ୍ୟାଚ୍‌ରେ ଅମ୍ପାୟର ଭାବେ ସୁରେଶ ମାଝୀ ଓ ଡେଭିଡ ମାଝୀ ଦାୟିତ୍ୱ ନିଭାଇଥିଲେ। ଫାଇନାଲ ମ୍ୟାଚ୍ ଅବସରରେ ମୁଖ୍ୟ ଅତିଥି ଭାବେ କପିଳାଶ ନାଏକଙ୍କ ସହ ଗୋବିନ୍ଦ ପ୍ରଧାନୀ, ପ୍ରଦୀପ ନାଏକ, କିଆପଦର ପଞ୍ଚାୟତ ବିଜେଡି ସଭାପତି କାମେଶ୍ୱର ନାଏକ, ନାଏବ ସରପଞ୍ଚ ରାଜକୁମାରୀ ସୁନାନୀ, ନରେନ୍ଦ୍ର ବିବାର, ଗ୍ରାମସାଥୀ ପାନୁ ମାଝୀ, ୱାର୍ଡ ମେମ୍ବର କୁମୁଟି ମାଝୀ, ସମାଜସେବୀ ବଳରାମ ଦେଓ, କିନ୍ଦାଙ୍ଗ ମାଝୀ ଓ ଭୀମ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳ ସିରିମସ୍କାକୁ ଟ୍ରଫି ସହିତ ୧୦ହଜାର ଟଙ୍କା ଓ ଉପବିଜେତା କାଣିଗୁମାକୁ ଟ୍ରଫି ସହ ୭ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। କ୍ରିଡ଼ା ଆୟୋଜନକୁ ସହଦେବ ମାଝୀ, ଆବକାନ୍ତ ମାଝୀଙ୍କ ନେତୃତ୍ୱରେ ଅଜୟ ମାଝୀ, ଅନଙ୍ଗ ମାଝୀ, ଗଜପତି ମାଝୀ, ରାମଚନ୍ଦ୍ର ମାଝୀ, କୁନୁ ମାଝୀ, କୃଷ୍ଣ ନାଏକ, ମଳୟ ମାଝୀ, କାଲୁ ଭାଇ ଓ ମଧୁସୂଦନ ମାଝୀ ଆଦି ସଫଳ ଭାବେ ପରିଚାଳନା କରିଥିଲେ।



# ବିଭାଗୀୟ ଅବହେଳା: ଜଳ କଷ୍ଟରେ ଚାଷୀ କାନ୍ଦୁଛି

ନୂଆପଡ଼ା, ୨୪।୪(ସମିସ)

ନୂଆପଡ଼ା ଜିଲ୍ଲାର ଭାତହାଣ୍ଡି କୁହାଯାଉଥିବା ପତୋରା ଡ୍ୟାମ୍ ପାଣି ଶୁଖି ଭଟା ପଡ଼ିଯାଇଥିବା ବେଳେ ରବି ଚାଷ କରିଥିବା ଚାଷୀଙ୍କ ଆଖିରୁ ନିଦ ହଜିଯାଇଛି। ଫସଲ ମରି ନଷ୍ଟ ହେବା ଏକ ପ୍ରକାର ନିଶ୍ଚିତ ହୋଇଥିବା ଜଣାପଡ଼ିଛି। ଗୋଟିଏ ପଟେ ଚାଷୀଙ୍କ ଜଳକଷ୍ଟ ଘାରିଥିବା ବେଳେ ଅନ୍ୟପଟେ ପାଣିର ଅପବ୍ୟବହାର ଯୋଗୁଁ ଖାଲି ଜାଗାମାନଙ୍କରେ ପାଣି ଜମି ଲହଡି ମାରୁଛି। ପ୍ରକାଶ ଯେ ଏଥର ଏକ ଡ୍ୟାମ୍‌ରେ ପାଣିସ୍ତର କମ ରହିଥିବା ହେତୁ ମାତ୍ର ୧୯ଶହ ହେକ୍ଟର ଜମିରେ ଚାଷ କରିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଏବଂ କୁଜିନେତାଙ୍କ ପ୍ରରୋଚନାରେ ଚାଷୀମାନେ ମାତିଯାଇ ୪ହଜାର ହେକ୍ଟର ଜମିରେ ଚାଷ କରିଦେଇଥିବା ହେତୁ ବର୍ତ୍ତମାନ ଡ୍ୟାମ୍ ପାଣି ଶୁଖିଯାଉଥିବା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ବର୍ତ୍ତମାନ ଧାନକେଣ୍ଡା ଧରିବାବେଳକୁ ଡ୍ୟାମ ଜଳସ୍ତର ନିମ୍ନକୁ ଯାଇଥିବାରୁ ଡ୍ୟାମ୍‌ରୁ କେନାଲକୁ ଆଉ ପାଣି ବାହାରୁନାହିଁ। ସୂଚନାଯୋଗ୍ୟ ଯେ ଗତ ଜାନୁୟାରୀ ମାସ ପ୍ରଥମ ସପ୍ତାହରେ ଡ୍ୟାମ ପାଣି ଛଡାଯାଇଥିଲା। ସେବେଠାରୁ ଅନିୟନ୍ତ୍ରିତ ଭାବେ କେନାଲ ପାଣି ଚାଲୁ ରହିଥିବାରୁ ବିଭିନ୍ନ ନାଳ ନର୍ଦ୍ଦମାରେ ଅଯଥା ପାଣି ଜମି ରହିଛି। ପାଣି ଅଭାବ ହେତୁ ଡ୍ୟାମ୍‌ର ଉପରମୁଣ୍ଡର ଧାନ ବର୍ତ୍ତମାନ ପ୍ରଚଣ୍ଡ ଖରାରେ ଶୁଖି ମରିବାକୁ ବସିଲାଣି।ଚାଷୀ କ୍ଷେତରେ କାନ୍ଦି କାନ୍ଦି ଦିନ କାଟୁଛି। ଅନ୍ୟପଟେ ଆମେ ଯଦି ଦେଖିବାକୁ ଯିବା ନୂଆପଡ଼ାରୁ ପତୋରା ରାସ୍ତାରେ ସାରାବଙ୍ଗ-ଭଇଁଷିମୁଣ୍ଡି ଛକରେ ଥିବା ନାଳର ଦୃଶ୍ୟକୁ ଦେଖିଲେ ଯେ କେହିବି ବିଭାଗୀୟ ଅବହେଳା ଏବଂ ଚାଷୀନେତାଙ୍କ ଦାଦାଗିରି ଜଳଜଳ ହୋଇ ବାରି ହୋଇପଡୁଛି। ଡ୍ୟାମ୍‌ରୁ କେନାଲରେ ଆସି ଜମା ହୋଇଥିବା ଅକାତ ପାଣିରେ ପିଲାମାନେ ନିତି ଜଳ କ୍ରିଡା କରୁଛନ୍ତି। ଏହାକୁ ଦେଖି ସାଧାରଣ ଲୋକ କହୁଛନ୍ତି କାହାର ପୁଷମାସ ତ କାହାର ସର୍ବନାଶ। ଏଭଳି ଅବହେଳା କରିଥିବା ଅଧିକାରୀ ଏବଂ ନେତାମାନଙ୍କ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଜରୁରୀ ବୋଲି ମତ ପ୍ରକାଶ ପାଉଛି।

**ଅପବ୍ୟବହାର ପାଣିରେ ଶିଶୁଙ୍କ ଜଳ କ୍ରୀଡ଼ା**



■ ଅନ୍ଦୋଳନକୁ ଓହ୍ଲାଇବ ରେଳ ଉପଭୋକ୍ତା ସଂଘ

# ୨୯ରେ ସମ୍ବଲପୁର ରେଳମଣ୍ଡଳ କାର୍ଯ୍ୟାଳୟରେ ଶାନ୍ତିପୂର୍ଣ୍ଣ ଧାରଣା




**ବରଗଡ଼, ୨୪।୪(ସମିସ):** ବର୍ଷ ବର୍ଷ ଧରି ଦାବି ଜଣାଇ ରେଳବିଭାଗ ଦ୍ୱାରା ବାରମ୍ବାର ଅବହେଳିତ ଓ ପ୍ରତାରିତ ହେଲା ପରେ ବରଗଡ଼ ଓ ବଲାଙ୍ଗିର ଜିଲ୍ଲା ରେଳ ଉପଭୋକ୍ତା ସଂଘ ଶେଷରେ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି। ଉଭୟ ସଂଘର ମିଳିତ କାର୍ଯ୍ୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ଏପ୍ରିଲ ୨୯ ତାରିଖରେ ସମ୍ବଲପୁର ରେଳମଣ୍ଡଳ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ। ଏହାପରେ ବି ଯଦି ବଲାଙ୍ଗିର ଓ ବରଗଡ଼ରୁ ଭୁବନେଶ୍ୱରକୁ ସକାଳୁଆ ଇଣ୍ଟରସିଟି ଚଳାଚଳ, ବଲାଙ୍ଗିର ଓ ବରଗଡ଼ ଦେଇ ଦିଲ୍ଲୀ ଓ ପ୍ରୟାଗରାଜକୁ ଟ୍ରେନ ସୁବିଧା, ବଲାଙ୍ଗିରରେ ସମ୍ବଲପୁର ମଣ୍ଡଳର ଦ୍ୱିତୀୟ ପିଟଲାଇନ୍ ନିର୍ମାଣ କରାଯାଇ ସମ୍ବଲପୁର ପର୍ଯ୍ୟନ୍ତ ଆସୁଥିବା ଟ୍ରେନଗୁଡିକୁ ବଲାଙ୍ଗିର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବା ପ୍ରମୁଖ ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନଯାଏ, ତେବେ ଆସନ୍ତା ମେ ମାସରେ ଏକ ନିର୍ଦ୍ଦିଷ୍ଟ ଦିନରେ ବରଗଡ଼ ରୋଡ଼ ଓ ବଲାଙ୍ଗିର ଷ୍ଟେସନରେ ଏକ ସମୟରେ ରେଳରୋକୋ ଆନ୍ଦୋଳନ କରାଯିବ। ଏଥିପାଇଁ ସମସ୍ତ ଅନୁଷ୍ଠାନ, ସଂଘ, ରାଜନୈତିକ ଦଳ ତଥା ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରାଯାଇ ଏକ ବିରାଟ ଜନଆନ୍ଦୋଳନ କରାଯିବ ଏବଂ ଏହି ଆନ୍ଦୋଳନ ଦାବି ପୂରଣ ହେବା ପର୍ଯ୍ୟନ୍ତ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

ମଣ୍ଡିରେ ସୁବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ

# ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

ବରଗଡ଼, ୨୪।୪(ସମିସ)

ବରଗଡ଼ ଜିଲ୍ଲାରୁ ଆଗାମୀ ରବି ଧାନ କିଣା ଆରମ୍ଭ କରିବା ପାଇଁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଚାଷୀଙ୍କ ସୁବିଧାକୁ ଗୁରୁତ୍ୱ ଦେଇ ସମସ୍ତ ଧାନ ସଂଗ୍ରହ କେନ୍ଦ୍ର ଏବଂ ମଣ୍ଡିରେ ଡିଜିଟାଲ ଆର୍ଦ୍ରତା ମିଟର, ତାରପୋଲିନ, ୱେବ୍ରିଜ, ବିଶ୍ଳେଷଣ କିଟ୍ ଆଦି ଯୋଗାଇବା ସହିତ ପ୍ରତୀକ୍ଷା କକ୍ଷ, ଛାଇ, ପାନୀୟଜଳ, ଲାଇଟ, ପାଇଖାନା, ସିସିଟିଭି ଏବଂ ମୂଲ୍ୟ ପ୍ରଦର୍ଶନ ବୋର୍ଡ ଆଦି ସୁବିଧା ଉପଲବ୍ଧ କରିବା କରିବା ସହ କାଳବଜାରୀ ରୋକିବା ନିମନ୍ତେ ଜିଲ୍ଲା, ଉପଖଣ୍ଡ ଏବଂ ସମସ୍ତ ମଣ୍ଡି କଣ୍ଟ୍ରୋଲ ରୁମ୍ର ଟୋଲ ଫ୍ରି ନମ୍ବରରେ ଆସୁଥିବା ସମସ୍ତ ଅଭିଯୋଗକୁ ଲିପିବଦ୍ଧ କରି ସେଗୁଡିକର ତୁରନ୍ତ ସମାଧାନ କରିବାକୁ ପଦକ୍ଷେପ ନେବା ସହ ମଣ୍ଡିର ସିସି ଟିଭି ଲାଇଭ ଫୁଟେଜକୁ ୨୪ ଘଣ୍ଟା ତଦାରଖ କରିବା ପାଇଁ ଆଲୋଚନା କରାଯାଇଛି। ପ୍ରତ୍ୟକ ଆର୍ଏମସି ଦ୍ୱାରା ଡ଼ାକବାଜି ଯନ୍ତ୍ର ଯୋଗେ




ଧାନର ଏଫଏକ୍ୟୁମାନ ଏବଂ ଇନପୁଟ ସବସିଡ଼ି ବିଷୟରେ ଚାଷୀଙ୍କୁ ସଚେତନ କରାଯିବ। ମଣ୍ଡିକୁ ଧାନ ଆସିବାର ଯଥା ସମୟ ପୂର୍ବରୁ ଚାଷୀଙ୍କୁ ଟୋକେନ୍ ଦେବା ବ୍ୟବସ୍ଥା କରିବା, କଳାବଜାରୀ କିମ୍ବା ଆବଶ୍ୟକୀୟ ଧାନ ପଡୋଶୀ ଜିଲ୍ଲାକୁ ସ୍ଥାନାନ୍ତରଣ ଭଳି ବେଆଇନ କାର୍ଯ୍ୟଗୁଡିକୁ ରୋକିବା ପାଇଁ ଜିଲ୍ଲାର ସମସ୍ତ ସୀମାରେଖାରେ ପୁଲିସ୍ ମୁତୟନ କରିବା ସହିତ କଡାକଡି ଯାଞ୍ଚ କରିବା ପାଇଁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ଜିଲ୍ଲା ପାଳ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମଇ ୧୧ ତାରିଖରୁ ଜିଲ୍ଲାର ୧୬୪ଟି ଧାନକ୍ରୟ ସ୍ଥାନର ସମୁଦାୟ ୧୮୩ଟି ମଣ୍ଡି/ଧାନ କ୍ରୟ କେନ୍ଦ୍ରରେ ସକାଳ ୦୬ ଘଟିକାରୁ ୧୧. ୦୦ ଘଟିକା ପର୍ଯ୍ୟନ୍ତ ଉକ୍ତ ବର୍ଷର ରବି ଧାନ କିଣା ହେବ। ଚାଷୀଙ୍କୁ ନିଜ ଧାନ ବିକ୍ରି କରିବା ପାଇଁ ମିଲର୍ସଙ୍କ ତରଫରୁ ପଞ୍ଜିକୃତ ଚାଷୀ ଅନୁଯାଇ ପ୍ରତ୍ୟେକ ମଣ୍ଡିରେ ଜୁଟ ବ୍ୟାଗ ଯୋଗାଇ ଦିଆଯିବ। ବର୍ତ୍ତମାନ ସୁଦ୍ଧା ୧୦୫୪୯୪ ଜଣ ଚାଷୀ ଧାନ ବିକ୍ରି ପାଇଁ ନିଜ ନାମ ପଞ୍ଜୀକରଣ କରିଛନ୍ତି। ବୈଠକରେ ବରଗଡ଼ ସାଂସଦ ପ୍ରତିନିଧି ସୁରେଶ୍ୱର ଶତପଥୀଙ୍କ ସମେତ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ପଦମପୁର ବିଧାୟିକା ବର୍ଷା ସିଂ ବରିହା ଏବଂ ଜିଲ୍ଲାପରିଷଦ ଅଧକ୍ଷା ମାନିନୀ ଭୋଇ ଉପସ୍ଥିତ ରହି ଜିଲ୍ଲାରେ ସୁଚାରୁ ଭାବେ ଧାନ କ୍ରୟ କରିବା ପାଇଁ ନିଜ ମତାମତ ଦେଇଥିଲେ।

## ମେ’ ୧୧ରୁ ଧାନ କିଣା ଆରମ୍ଭ

ଜିଲ୍ଲାପାଳ ଆଦିତ୍ୟ ଗୋୟାଲ, ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନା, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ପଦମପୁର ଉପଜିଲ୍ଲାପାଳ ହେମସାଗର ଭୋଇ, ସମସ୍ତ ଆରଏମ୍ସି କର୍ମକର୍ତ୍ତା, ଜିଲ୍ଲାସ୍ତରୀୟ ଅଧିକାରୀ, ଏବଂ ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ଉପସ୍ଥିତ ରହି ଧାନ ସଂଗ୍ରହ ପାଇଁ ଜିଲ୍ଲାର ପୂର୍ବ ପ୍ରସ୍ତୁତି ଉପସ୍ଥାପନ କରିଥିଲେ।

ଜିଲ୍ଲାପାଳଙ୍କ ଝାରବନ୍ଧ ଡ୍ୟାମ୍ ଓ ଅଙ୍ଗ ନଦୀ ପରିଦର୍ଶନ

# ପଦ୍ମପୁର ସହରରୁ ଦୂର ହେବ ପାନୀୟ ଜଳ ସମସ୍ୟା

**ପଦ୍ମପୁର, ୨୪।୪(ସମିସ):** ପଦ୍ମପୁର ସହରବାସୀ ଙ୍କୁ ପାନୀୟ ଜଳଯୋଗାଣ ପାଇଁ ଶୁକ୍ରବାର ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇ ଓ ଜଳଯୋଗାଣ ବିଭାଗର ଇଞ୍ଜିନିୟରଙ୍କ ସହିତ ଝାରବନ୍ଧର ଚାକଧରା ଜଳ ପ୍ରକଳ୍ପ ଓ ଅଙ୍ଗନଦୀ ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ ବିଭାଗୀୟ ଅଧିକାରୀ ସହିତ ଆଲୋଚନା କରି ଶୁକ୍ରବାର ରାତି ସୁଦ୍ଧା ପଦ୍ମପୁର ନାଗେନ ଦର୍ହାଠାରେ ନଦୀ ଜଳ ପହଞ୍ଚିବା ସୂଚନା ଦେଇଛନ୍ତି। ଏହି ପାଣି ପହଞ୍ଚିବା ପରେ ସହରବାସୀଙ୍କୁ ପାନୀୟ ଜଳ ଯୋଗାଣ ହୋଇପାରିବ ବୋଲି ଆଶା ପ୍ରକାଶ ପାଇଛି। ତେବେ ଶନିବାରଠାରୁ ପଦ୍ମପୁର ସହର ମଧ୍ୟରେ ପାଣି ଟ୍ୟାଙ୍କର ଯୋଗେ ନିୟମିତ ଭାବରେ ଯୋଗାଇବାର ବ୍ୟବସ୍ଥା କରାଯିବ ବୋଲି ଉପଜିଲ୍ଲାପାଳ ହେମ ସାଗର ଭୋଇ କହିଛନ୍ତି।



# ନୂତନ ଗୌନ୍ତିଆଙ୍କୁ ଅଭିଷେକ

**ଗାଇସିଲେଟ, ୨୪।୪ (ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲ ପଞ୍ଚାୟତ ବ୍ରାହ୍ମଣମାଲ ଗ୍ରାମରେ ପାରମ୍ପରିକ ପ୍ରଥା ଓ ସମ୍ପ୍ରଦାୟର ଏକତାକୁ ଅଗ୍ରଗତି କରି ଗ୍ରାମବାସୀ ଆଜି ନୂତନ ଗୌନ୍ତିଆଙ୍କୁ ଅଭିଷେକ କରିଛନ୍ତି। ଏହି ଅବସରରେ ୱାର୍ଡ ସଭ୍ୟ ପିଙ୍କୁନ ସାହୁ, ଜେନାମଣି ବେହେରା, ଗ୍ରାମର ସଚେତନ ନାଗରିକ ଯୁବରାଜ ପଧାନ, ଅନାଦି ସାହୁ, ମନୋରଞ୍ଜନ ସାହୁ, ଲୋଚନ କୁମ୍ଭାର, ବିନୋଦ ସାଗର, ଜଗନ୍ନାଥ ପଧାନ ଓ ଗଣ୍ୟମାନ୍ୟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଅଭିଷେକ କାର୍ଯ୍ୟ ସମ୍ପନ୍ନ କରି ପୂଜାର୍ଚ୍ଚନା, ମନ୍ତ୍ରୋଚ୍ଚାରଣ ଓ ଶୁଭ ସଙ୍କେତ ସହିତ ସ୍ୱର୍ଗତ ବୀରକିଶୋର ସାହୁଙ୍କ ଜ୍ୟେଷ୍ଠ ପୁତ୍ର ହରିବୋଲ ସାହୁ ବୋହୂ ସୁମିତ୍ରା ସାହୁଙ୍କୁ ଗୌନ୍ତିଆ ଓ ଗୌନ୍ତିଆଣୀ ଦାୟିତ୍ୱ ଅର୍ପଣ କରାଯାଇଥିଲା। ନୂତନ ଗୌନ୍ତିଆ ପ୍ରଥମେ ତାଙ୍କ ମାତା ସୂର୍ଯ୍ୟକାନ୍ତୀଙ୍କ ଆଶୀର୍ବାଦ ନେଇ ଗ୍ରାମର ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରି ତାଙ୍କ ଅଭିଭାଷଣରେ କହିଥିଲେ। ଅଭିଷେକ କର୍ଯ୍ୟକ୍ରମ ଗ୍ରାମରେ ଉତ୍ସବମୟ ପରିବେଶ ସୃଷ୍ଟି କରିଥିଲା।



# ଗୋବର୍ଦ୍ଧନ ଭୋଇ ଓ ତିଳୋତ୍ତମା ଭୋଇଙ୍କ ଦାୟିତ୍ୱଗ୍ରହଣ

**ବରଗଡ଼, ୨୪।୪(ସମିସ):** ବରଗଡ଼ ଜିଲ୍ଲା ପରିଷଦ କାର୍ଯ୍ୟାଳୟଠାରେ ସତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଗୋବର୍ଦ୍ଧନ ଭୋଇ ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ଭଟଲି ଆଦିବାସୀ ନେତ୍ରୀ ତିଳୋତ୍ତମା ଭୋଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ବରଗଡ଼ର ଲୋକସଭା ସାଂସଦ ପ୍ରଦୀପ ପୁରୋହିତ, ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଏବଂ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଡ. ଅରୁପାନନ୍ଦ ସାହୁ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ୍ୱର ଶତପଥି ଉପସ୍ଥିତ ଥିଲେ। ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘର ଜିଲ୍ଲା ସଭାପତି ଗୋବିନ୍ଦ ବରିହା, ଜିଲ୍ଲା ସମ୍ପାଦକ ତ୍ରିଲୋଚନ ଭୁଏ, ସମସ୍ତ ବ୍ଲକର ବ୍ଲକ ସଭାପତି, ସମ୍ପାଦକ, ସଭାନେତ୍ରୀ ସମ୍ପାଦିକା, ସମସ୍ତ ବ୍ଲକର ଆଦିବାସୀ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

# ୨୬ରେ ୧୯ ବର୍ଷରୁ କମ୍ ବୟସ କ୍ରିକେଟ ଖେଳାଳିଙ୍କ ଚୟନ

**ବରଗଡ଼, ୨୪। ୪(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ୍ ପକ୍ଷରୁ ମଇ ମାସ ପ୍ରଥମ ସପ୍ତାହରେ ହେବାକୁ ଥିବା ଆନ୍ତଃ ଜିଲ୍ଲା ୧୯ ବର୍ଷ ରୁ କମ୍ ବୟସ କ୍ରିକେଟ ପ୍ରତିଯୋଗିତାରେ ଯୋଗ ଦେବାକୁ ଥିବା ବରଗଡ଼ ଜିଲ୍ଲା କ୍ରିକେଟ ଖେଳାଳିଙ୍କ ଚୟନ ଆସନ୍ତା ୨୬.୪.୨୦୨୬ ତାରିଖ ଦିନ ଅନୁଷ୍ଠିତ ହେବ। ଉକ୍ତଦିନ ଯେଉଁ ଖେଳାଳିମାନେ ୧.୯.୨୦୦୭ ପରେ ଜନ୍ମ ହୋଇଥିବେ ସେହି ଖେଳାଳି ନିଜର ଆଧାର କାର୍ଡ, ଡିଜିଟାଲ ଜନ୍ମ ପ୍ରମାଣ ପତ୍ର, ତିନି ବର୍ଷର ମାର୍କ ସିଟ, ସ୍କୁଲ ବୋନାଫାଇଡ ସାର୍ଟିଫିକେଟ ଓ ଯେଉଁ ବାହାର ରାଜ୍ୟ ଖେଳାଳୀ ଥିବେ ସେମାନେ ଜିଲ୍ଲାରେ ବର୍ଷେ ଅବଧି ରହି ସାରିଥିଲେ ସେମାନେ ଏକ ବର୍ଷର ବାସିନ୍ଦା ସାର୍ଟିଫିକେଟ /ନିଜ ବାପାଙ୍କ ଚାକିରି କରୁଥିବା ସାର୍ଟିଫିକେଟ/ ପାଠ ପଢୁଥିବା ପ୍ରମାଣ ପତ୍ର/ ପାସପୋର୍ଟ ଦେଇ ଭାଗ ନେଇ ପାରିବେ। ଯେଉଁ ଖେଳାଳି ଅନ୍ୟ ଜିଲ୍ଲା କିମ୍ବା ଅନ୍ୟ ରାଜ୍ୟ ପାଇଁ ଖେଳି ଥିବେ ସେ ଏନଓସି ଦେଇ ଯୋଗଦେଇ ପାରିବେ ବୋଲି ଜିଲ୍ଲା କ୍ରିକେଟ ଆସୋସିଏସନ୍ ପକ୍ଷରୁ କୁହାଯାଇଛି।

# ନବଜ୍ୟୋତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଧରିତ୍ରୀ ଦିବସ

**ବରଗଡ଼, ୨୪।୪(ସମିସ):** ବରଗଡ଼ ଜିଲ୍ଲା ନବ ଜ୍ୟୋତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଚକରକେନ୍ଦ ପରିସରରେ ବରଗଡ଼ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚ ସହଭାଗିତାରେ ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅଧ୍ୟକ୍ଷ ହୃଷିକେଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ବନଖଣ୍ଡ ଅଧିକାରୀ ସରୋଜ କୁମାର ପଣ୍ଡା, ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ମୌସୁମୀ ଲିଜା ନାୟକ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବରେ ପ୍ରକୃତିବନ୍ଧୁ ସାମ୍ବାଦିକ ବଡ଼ ଶତପଥି ଓ ମଞ୍ଚର ସମ୍ପାଦକ ମୀନକେତନ ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିବୃନ୍ଦ ପରିବର୍ତ୍ତିତ ପରିବେଶୀୟ ସମସ୍ୟା, ତାପମାତ୍ରା ବୃଦ୍ଧି ଆଦି ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ପ୍ରକୃତିବନ୍ଧୁ ଭୈରବ ପାତ୍ର, ରାମଚନ୍ଦ୍ର ସାହୁ, ନୀଳକଣ୍ଠ ସା, ବିପିନ ବଗର୍ତ୍ତୀ, ରାମଚନ୍ଦ୍ର ନାୟକ, ବିଭୁତି ଭୂଷଣ ମୁଣ୍ଡ, ଭୁବନେଶ୍ୱର ପ୍ରଧାନ, ପରିବେଶବିତ୍ ସଞ୍ଜୟ ଖମାରୀ ପ୍ରମୁଖଙ୍କୁ ସମ୍ମାନୀତ କରାଯାଇଥିଲା। ବର୍ଷାରାଣୀ ନନ୍ଦ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। କାର୍ତ୍ତିକେୟ ସାଥୁଆ, ପ୍ରକୃତିବନ୍ଧୁ କେଦାରନାଥ ସାହୁ, ବୈଲୋଚନ ପଧାନ, ବିଶ୍ୱେଶ୍ୱର ସାହୁ, ଟଙ୍କଧର ପ୍ରଧାନ, ସୁବାସ ଚନ୍ଦ୍ର ସାହୁ, ରବୀନ୍ଦ୍ର ବରିହାଙ୍କ ସହ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ସହଯୋଗ କରିଥିଲେ। ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚର ସଦସ୍ୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ବୈଦ୍ୟନାଥ ପୀଠକୁ ପର୍ଯ୍ୟଟନସ୍ଥଳ ମାନ୍ୟତା

# ବିଧାୟକଙ୍କୁ ଦେଓଗାଁ ଗ୍ରାମବାସୀଙ୍କ କୃତଜ୍ଞତା

**ବରଗଡ଼, ୨୪। ୪(ସମିସ):** ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦେଓଗାଁ ଗ୍ରାମର ପ୍ରସିଦ୍ଧ ବୈଦ୍ୟନାଥ ପୀଠ ପାଇଁ ଆସିଛି ଖୁସିର ଖବର। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପ୍ରାଚୀନ ପୀଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ କରାଯାଇଛି। ଏହି ସଫଳତା ପଛରେ ସ୍ଥାନୀୟ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀଙ୍କ ନିରନ୍ତର ପ୍ରଚେଷ୍ଟା ଥିବାରୁ ଦେଓଗାଁ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସ୍ଥାନୀୟ ସର୍କିଟ ହାଉସ୍ ଠାରେ ଦେଓଗାଁର ବରିଷ୍ଠ ଗ୍ରାମବାସୀ ବାସୁଦେବ ମିଶ୍ର, ଟିକିଲାଲ ଭୁଏ, ମିନକେତନ ମହାପାତ୍ର, ସୁଦାମ ମହାପାତ୍ର, କୃଷ୍ଣଚନ୍ଦ୍ର ପଟେଲ ଓ ଜଗଦାନନ୍ଦ ମିଶ୍ର ପ୍ରମୁଖ ବିଧାୟକ ଶ୍ରୀ ଷଡ଼ଙ୍ଗୀଙ୍କୁ ସାକ୍ଷାତ କରିଥିଲେ। ଗ୍ରାମବାସୀମାନେ ବୈଦ୍ୟନାଥ ପୀଠରୁ ଆଣିଥିବା ପବିତ୍ର ଫୁଲ, ଚନ୍ଦନ ଓ ଉତ୍ତରୀୟ ପ୍ରଦାନ କରି ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିବା ସହ ନିଜର କୃତଜ୍ଞତା ଜଣାଇଥିଲେ। ସୂଚନାଯୋଗ୍ୟ ଯେ, ବୈଦ୍ୟନାଥ ପୀଠକୁ ପର୍ଯ୍ୟଟନ ମାନ୍ୟତା ମିଳିବା ପରେ ଅଞ୍ଚଳରେ ଆଧାରିକ ପରିବେଶ ସହ ପର୍ଯ୍ୟଟନର ବିକାଶ ହେବ ବୋଲି ଆଶା କରାଯାଉଛି। ଆସନ୍ତା ୩ ତାରିଖ ଦିନ ଦେଓଗାଁ ଗ୍ରାମରେ ବିଶେଷ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଛି, ଯେଉଁଠାରେ ବିଧାୟକଙ୍କୁ ଗ୍ରାମବାସୀଙ୍କ ତରଫରୁ ସର୍ବସାଧାରଣରେ ସମ୍ମାନିତ କରାଯିବ ବୋଲି ଗ୍ରାମବାସୀ ମାନେ ସୂଚନା ଦେଇଛନ୍ତି।

# ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ





**ବରଗଡ଼, ୨୪।୪(ସମିସ):** ବରଗଡ଼ ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଦିବସ ସ୍ଥାନୀୟ ଯଦୁମଣି ପଧାନ ଅଡିଟୋରିୟମ ଠାରେ ପାଳିତ ହୋଇଯାଇଛି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନିଜ ଅଭିଭାଷଣରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନର ଗୁରୁତ୍ୱ ବଖାଣିଥିଲେ। ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ସଶକ୍ତ ହେଲେ ଯାଇ ଏକ ଉନ୍ନତ ଓ ବିକଶିତ ଓଡ଼ିଶା ଗଠନ ହୋଇପାରିବ। ସରକାର ବର୍ତ୍ତମାନ ଗ୍ରାମୀଣ ବିକାଶକୁ ସର୍ବାଧିକ ପ୍ରାଥମିକତା ଦେଉଥିବା ଓ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନାକୁ ବାସ୍ତବରୂପ ଦେବା ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସର୍ବଦା ଉଦ୍ୟମ ଜାରି ରଖିଛି। ଏତଦବ୍ୟତୀତ ରାଜ୍ୟର ସମସ୍ତ ପରିବାରକୁ ପାଇପ୍ ଯୋଗେ ନିରାପଦ ପାନୀୟ ଜଳ ଯୋଗାଣ, କଚ୍ଚା ଘର ଥିବା ସମସ୍ତ ପରିବାରଙ୍କୁ ପକ୍କା ଘର ଯୋଗାଣ ସମସ୍ତ ନିର୍ବାଚିତ ପଞ୍ଚାୟତ ଜନପ୍ରତିନିଧି ଓ କର୍ମକର୍ତ୍ତାଙ୍କ ଦକ୍ଷତା ବୃଦ୍ଧି ଲାଗି ସ୍ୱତନ୍ତ୍ର ରଣନୀତି ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ପ୍ରଯୁକ୍ତି ବିଦ୍ୟାର ସହାୟତା, ପଞ୍ଚାୟତସ୍ତରରେ ନିଜ ଆୟ ବୃଦ୍ଧି ନିମନ୍ତେ ସ୍ୱତନ୍ତ୍ର ନିୟମାବଳୀ ପ୍ରସ୍ତୁତ ହେଉଥିବା ଶ୍ରୀ ପୁରୋହିତ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଉପାଧ୍ୟକ୍ଷ ମୋହନ ଲୁହା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଗୋବର୍ଦ୍ଧନ ଭୋଏ, ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ପ୍ରମୁଖ ଉପସ୍ଥିତ ରହି ପଞ୍ଚାୟତିରାଜ ବ୍ୟବସ୍ଥା ବିଷୟରେ କହିବା ସହ ୧୦ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ, ୫ଜଣ ଜଣ ହିତାଧିକାରୀଙ୍କୁ ପାଇଖାନା ନିର୍ମାଣ କାର୍ଯ୍ୟାଦେଶ ଏବଂ ତିନି ମାସ ମଧ୍ୟରେ ଗୃହ ନିର୍ମାଣ ଶେଷ କରିଥିବା ୩ ଜଣ ହିତାଧିକାରୀଙ୍କୁ ଇନସେନଟିଭ ବଣ୍ଟନ ସହ ଉତ୍ତମ ପ୍ରଦର୍ଶନ କରିଥିବା ଜିଲ୍ଲାର ପ୍ରମୁଖ ବ୍ଲକ, ପଞ୍ଚାୟତ, ସ୍ୱୟଂ ସହାୟକ ଗୋଷ୍ଠୀ, ଜିଆରଏସ, ପିଇଓ, ଜେଇଙ୍କୁ ସମ୍ମାନିତ କରିବା ପରେ ସମସ୍ତେ ଆଭାସୀ ମାଧ୍ୟମରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହ ଜଡିତ ହୋଇଥିଲେ।

### ଅମ୍ବାଭୋନା

**ଅମ୍ବାଭୋନା :** ଅମ୍ବାଭୋନା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କିର୍ତ୍ତିଚନ୍ଦ୍ର ଦୁଆନ, ସାଂସଦ ପ୍ରତିନିଧି ଗୁନାରୁ ପଧାନ, ବିଡିଓ ଡ.ଲଳିତ କୁମାର ବାଗ, ଏବିଡିଓ ସରୋଜ କୁମାର ପଧାନ, ସିଡିପିଓ ମାଳତୀ ନାୟକ ଓ କଣପଲା ପଞ୍ଚାୟତ ସରପଞ୍ଚ ଠାକୁରରାମ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ସହିତ ଧାର୍ଯ୍ୟ ସମୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ପରିଚାଳନା ବିପିସି କ୍ଷୀରସାଗର ମହାପାତ୍ର କରିଥିବା ବେଳେ କାର୍ଯ୍ୟକ୍ରମର ସଫଳ ସଞ୍ଚାଳନାରେ ବିପିଏମ ଇନଚାର୍ଜ ଅଳି ପଧାନ, ଯୋଗାଣ ନିରୀକ୍ଷକ ପ୍ରଭାତ ପ୍ରଦୀପ୍ତ, ଜେଇ, ପିଇଓ, ଜିପିଓ ସହିତ ସମସ୍ତ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।

# କସମେଟିକ୍ ଗାଇନାକୋଲୋଜି ୱିଙ୍ଗ୍ ଉଦ୍ଘାଟିତ

**ବରଗଡ଼, ୨୪।୪ (ସମିସ):** ବରଗଡ଼ସ୍ଥିତ କିଶୋରୀ ଆଇ.ଭି.ଏଫ୍. ପକ୍ଷରୁ ଏହାର ଅତ୍ୟାଧୁନିକ ‘କସମେଟିକ୍ ଗାଇନେକୋଲୋଜି ୱିଙ୍ଗ୍’ ଉଦ୍ଘାଟିତ ହୋଇଯାଇଛି। ଏହି ନୂତନ ସୁବିଧା ମାଧ୍ୟମରେ ଓଡ଼ିଶାରେ ପ୍ରଥମ ଥର ପାଇଁ ୟୁରୋପୀୟ ପେଟେଣ୍ଟ ପ୍ରାପ୍ତ ପ୍ଲାଜମା-ଭିତ୍ତିକ ଟେକ୍ନୋଲୋଜିର ଶୁଭାରମ୍ଭ କରାଯାଇଛି। ଯାହା ସୁରକ୍ଷିତ, ସୂକ୍ଷ୍ମ ଏବଂ ସ୍ୱଳ୍ପ ଅସ୍ତ୍ରୋପଚାର ବିଶିଷ୍ଟ କସମେଟିକ୍ ଗାଇନେକୋଲୋଜି ଚିକିତ୍ସା ପାଇଁ ଜଣାଶୁଣା। ନିର୍ଦ୍ଦେଶକ ଡା. ପ୍ୟାରୀଲାଲ ତ୍ରିପାଠୀ ଏହି ନୂତନ ବିଭାଗକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏହି ଅବସରରେ ନିର୍ଦ୍ଦେଶକ ସାଇ ତ୍ରିପାଠୀ, ଡାକ୍ତର ଗଣେଶରାମ ଭୋଇ, ଡାକ୍ତର ବର୍ଷା ଦେବତା ଏବଂ ଡାକ୍ତର ଶ୍ରେଷ୍ଠା ଗୋୟଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନୂତନ ବିଭାଗ ସହିତ କିଶୋରୀ ଆଇଭିଏଫ୍. ଅତ୍ୟାଧୁନିକ ବନ୍ଧ୍ୟାଦୋଷ ଚିକିତ୍ସା ଏବଂ ମହିଳା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନିଜର ସ୍ଥିତିକୁ ଅଧିକ ସୁଦୃଢ଼ କରିଛି। ଏହା ସହିତ ଅଞ୍ଚଳବାସୀଙ୍କ ପାଇଁ ବିଶ୍ୱସ୍ତରୀୟ ନୂତନ ଚିକିତ୍ସା ପଦ୍ଧତି ଏବେ ସହଜରେ ଉପଲବ୍ଧ ହୋଇପାରିବ।

# ପଦ୍ମପୁର ସହରବାସୀଙ୍କ ଜଳକଷ୍ଟ ଦୂର ହେବ କେବେ?

**ପଦ୍ମପୁର, ୨୪। ୪(ସମିସ):** ପଦ୍ମପୁର ସହରରେ ପ୍ରତ୍ୟେକ ଗ୍ରୀଷ୍ମ ଋତୁରେ ଜଳକଷ୍ଟ ଉତ୍କଟ ହେଉଥିଲେ ହେଁ ସରକାରଙ୍କ ତରଫରୁ ସମସ୍ୟାର ସ୍ଥାୟୀ ସମାଧାନ କରାଯାଉ ନ ଥିବାରୁ ପଦ୍ମପୁର ନାଗରିକ କ୍ରିୟାନୁଷ୍ଠାନ କମିଟିର ସଭାପତି ସଞ୍ଜୟ ବହିଦାର କ୍ଷୋଭ ପ୍ରକାଶ କରିଛନ୍ତି। କେବେ ଆଉ ସହରବାସୀଙ୍କ ଜଳକଷ୍ଟ ଦୂର ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ଶ୍ରୀ ବହିଦାର କହିଛନ୍ତି, ପୂର୍ବ ସରକାର ସମୟରେ ୭୦ କୋଟି ଟଙ୍କା ବ୍ୟୟ କରାଯାଇ ଅଙ୍ଗ ନଦୀ ଉପରେ ଦର୍ବେକେଲାଠାରେ ଏକ ବ୍ୟାରେଜ୍ ନିର୍ମାଣ କରାଯାଇ ଥିଲା। ଲକ୍ଷ୍ୟ ଥିଲା ଏହି ବ୍ୟାରେଜରୁ ପଦ୍ମପୁର ସହରକୁ ଜଳ ଯୋଗାଣ କରାଯିବ। କିନ୍ତୁ ପ୍ରକଳ୍ପରେ ଗ୍ରୀଷ୍ମ ଋତୁ ତ ଦୂରର କଥା ଜାନୁଆରୀ ମାସରେ ବି କୁଆଡେ ନିର୍ଦ୍ଧାରିତ ୪ ମିଟର ପାଣି ରହୁନାହିଁ। ଯାହାଦ୍ୱାରା ପଦ୍ମପୁର ସହରକୁ ଏହି ପ୍ରୋଜେକ୍ଟରୁ ଖରା ମାସରେ ପାଣି ଯୋଗାଣ ସମ୍ଭବ ହୋଇପାରୁ ନାହିଁ। ପ୍ରକଳ୍ପରେ ହୋଇଥିବା ଦୁର୍ନୀତି ପାଇଁ ଦାୟୀ ଥିବା ଅଧିକାରୀଙ୍କ ବିରୁଦ୍ଧରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି କି ପ୍ରକଳ୍ପ କାର୍ଯ୍ୟ ସୁଧାରିବାରେ ବି କୌଣସି ପଦକ୍ଷେପ ନେଉ ନାହାଁନ୍ତି। ଯାହାଫଳରେ ସହରରେ ଜଳକଷ୍ଟ ଅସମ୍ଭାଳ ହୋଇ ପଡ଼ିଛି ବୋଲି ଶ୍ରୀ ବହିଦାର ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ପଦ୍ମପୁର ଜଳକଷ୍ଟର ସ୍ଥାୟୀ ସମାଧାନ କରନ୍ତୁ, ନଚେତ୍ ଏନେଇ ଭୟଙ୍କର ଜନଆନ୍ଦୋଳନ ସୃଷ୍ଟି କରାଯିବ ବୋଲି ଶ୍ରୀ ବହିଦାର ଚେତାବନୀ ଶୁଣାଇଛନ୍ତି।



ଡିଏଲ୍ପିସି ବୈଠକରେ ବର୍ଷିଲେ ବିଧାୟିକା

# ବୈଠକ ପୂର୍ବରୁ ଥାନାରେ ଚାଷୀଙ୍କୁ ଅଟକ ରଖିବା ଦୁର୍ଭାଗ୍ୟଜନକ

ବରଗଡ଼, ୨୪।୪(ସମିସ)

ଡିଏଲପିସି ବୈଠକ ପୂର୍ବରୁ ଚାଷୀ ନେତାମାନଙ୍କୁ ପୁଲିସ ଗିରଫ କରି ବିଭିନ୍ନ ଥାନାରେ ଅଟକ ରଖିଥିଲେ। ଯାହାକୁ ନେଇ ଆଜି ବରଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଡିଏଲପିସି ବୈଠକର ଆରମ୍ଭରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଜିଲ୍ଲା ପୁଲିସ ପ୍ରଶାସନ ଉପରେ ଜୋରଦାର ବର୍ଷିଥିଲେ। ଯେଉଁ ଚାଷୀଙ୍କ ଧାନ ସଂଗ୍ରହକୁ ନେଇ ଏତେ ବଡ ବୈଠକ ହେଉଛି ହେଲେ ସେହି ବୈଠକ ପୂର୍ବରୁ ଚାଷୀଙ୍କୁ ବିଭିନ୍ନ ଥାନାରେ ଅଟକ କାହିଁକି ରଖାଗଲା ବୋଲି ପ୍ରଶ୍ନ କରିବା ସହ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ଆଜି ସକାଳୁ ଜିଲ୍ଲାରେ ଅନେକ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବା ଯୋଗୁଁ ଦୀର୍ଘ ୪୮ ଦିନ ହେବ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଧାନ ପକାଇ ଧାରଣାରେ ବସିଥିଲେ। ହେଲେ ଧାନ ନ କିଣି ଚାଷୀମାନଙ୍କୁ ଗିରଫ କରାଯାଇଛି। ତାହାହେଲେ ଡିଏଲପିସି ମିଟିଂ କାହା ସ୍ୱାର୍ଥରେ ବୋଲି ଚାଷୀ ସଂଗଠନ ପ୍ରଶ୍ନ କରିଛନ୍ତି। ଏଠାରେ ପ୍ରକାଶ ଥାଉକି, ଗତ ଖରିଫ ଋତୁର ଶହ ଶହ ଚାଷୀଙ୍କ ସହରା ଟିକ୍ରାରେ ୨୫ରୁ ୩୦ ହଜାର ପ୍ୟାକେଟ ଧାନ ଏବଂ ଅମ୍ବାଭାନାରେ ୨୦୦୦ ପ୍ୟାକେଟ ଧାନ ଏବଂ ବିଭିନ୍ନ ମଣ୍ଡିରେ ଖୋଲା ଆକାଶ ତଳେ ହଜାର ହଜାର କୁଇଣ୍ଟାଲ ଧାନ ପଡ଼ିଛି। ଅନ୍ୟପଟେ ରାଜ୍ୟର ସମସ୍ତ ଚାଷୀଙ୍କ ଧାନ କିଣା ଯାଇଛି ବା ଯିବ ବୋଲି ବାହାସ୍ଫଟ ମାରୁଥିବା ସରକାରଙ୍କ ଅସଲ ମୁଖା ଖୋଲିଯାଇଛି ବୋଲି ବିଧାୟିକା ବର୍ଷା ସିଂ ବରିହା କହି ସମାଲୋଚନା କରିଛନ୍ତି।

# ମା’ ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉଦ୍ଯାପିତ

**ବରଗଡ଼, ୨୪।୪(ସମିସ):** ଗତ ୧୮ ତାରିଖ ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ମା’ ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସମ୍ପନ୍ନ ହୋଇଛି। ପଣ୍ଡିତ ନରସିଂହ ଶତପଥି ପଣ୍ଡିତ କୁଳମଣି ମହାପାତ୍ର, ପଣ୍ଡିତ ସବ୍ୟସାଚୀ ମିଶ୍ର, ନରେଶ ମିଶ୍ର, ପ୍ରଭାସ ମିଶ୍ର, କୀର୍ତ୍ତି ଚନ୍ଦ୍ର ପଣ୍ଡା, ଶୁଭ୍ରାଂଶୁ ମିଶ୍ର, ସଞ୍ଜୟ ମିଶ୍ରଙ୍କ ସମେତ ୨୫ ଜଣରୁ ଉର୍ଦ୍ଧ୍ୱ ପଣ୍ଡିତ ମଣ୍ଡଳୀଙ୍କ ପୌରୋହିତ୍ୟରେ ମୁଖ୍ୟ କର୍ତ୍ତା ଭାବେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ତାଙ୍କ ଧର୍ମ ପତ୍ନୀ ମାହେଶ୍ୱତା ଆଚାର୍ଯ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ବରଗଡ଼ ସହରର ବିଭିନ୍ନ ପଡ଼ାର ୧୭ ଜଣ ଦମ୍ପତି ସହ କର୍ତ୍ତା ଦାୟିତ୍ୱ ବହନ କରିଥିଲେ। ପୂର୍ଣ୍ଣାହୁତି ଅବସରରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଓ ତାଙ୍କ ଧର୍ମ ପତ୍ନୀ କଳ୍ପନା ଷଡ଼ଙ୍ଗୀ ମଧ୍ୟ ଉପସ୍ଥିତ ରହି ପୂଜା କାର୍ଯ୍ୟରେ ଅଂଶ ଗ୍ରହଣ କରିଥିଲେ। ଶାସ୍ତ୍ରୀୟ ବିଧି ବିଧାନରେ ମା’ଙ୍କ ବିଗ୍ରହ ସ୍ଥାପନ କରାଯାଇଥିବା ବେଳେ ମହାଯଜ୍ଞର ପୂର୍ଣ୍ଣାହୁତିରେ ବରଗଡ଼ ସହର ସମେତ ସମଗ୍ର ବିଶ୍ୱର କଲ୍ୟାଣ କାମନା କରାଯାଇଥିଲା। ଏହି ଅବସରରେ ପ୍ରତ୍ୟହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମନ୍ଦିର ପ୍ରତିଷ୍ଠା ମହୋତ୍ସବରେ ପ୍ରବଳ ଜନ ଗହଳି ପରିଲକ୍ଷିତ ହୋଇଥିଲା।

ସକାଳ THE SAKALA



### ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହକୁ ଆସିଲେନି ୫୦ ସରପଞ୍ଚ

# ନିର୍ଦ୍ଦିଷ୍ଟ ପଞ୍ଚାୟତର ହିତାଧିକାରୀଙ୍କୁ ଗୃହ କାର୍ଯ୍ୟାଦେଶକୁ ନେଇ ହଟ୍ଟଗୋଳ

**ଦେବଗଡ଼, ୨୪।୪(ସମିସ)**

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆଜି ଅପରାହ୍ନରେ ଦେବଗଡ଼ ମହାବିଦ୍ୟାଳୟ ସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ଜିଲ୍ଲାପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଦିଲୀପ କୁମାର ପ୍ରଧାନ, ତିଳେଇବଣି ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝି, ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ କୁମାର ସିଂ, ତିଳେଇବଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା ଓ ମୁଖ୍ୟବକ୍ତା ଭାବେ ଆଇନଜୀବୀ ଦିଲୀପ କୁମାର ଗୁରୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶାସନକୁ ତୃଣମୂଳସ୍ତରକୁ ଆଣିବା, ଗ୍ରାମ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ଗ୍ରାମୀଣ ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବାରେ ପଞ୍ଚାୟତିରାଜ ବ୍ୟବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଅତିଥିମାନେ ପ୍ରକାଶ କରିଥିଲେ। ସେହିପରି ଏକ ଦେଶର ବିକାଶ ତଥା ରାଜ୍ୟର ବିକାଶ ଏହାର ପଞ୍ଚାୟତର ବିକାଶ ଉପରେ ନିର୍ଭର କରିଥାଏ ବୋଲି ଅତିଥିବୃନ୍ଦ ପ୍ରକାଶ କରିଥିଲେ। ସ୍ଥାନୀୟ ଜନ ପ୍ରତିନିଧିମାନେ ତୃଣମୂଳସ୍ତରରୁ ପଞ୍ଚାୟତର ବିକାଶ ନିମନ୍ତେ କାର୍ଯ୍ୟ କରିପାରିବେ ଯାହା କି ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସଭାପରେ ତିଳେଇବଣି ବ୍ଲକର ନିର୍ଦ୍ଦିଷ୍ଟ କେତେକ ପଞ୍ଚାୟତର ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ଓ ପ୍ରଥମ କିସ୍ତି ଅର୍ଥ ପ୍ରଦାନକୁ ବିରୋଧ କରି ସଭାସ୍ଥଳୀରେ ଅନ୍ୟ ପଞ୍ଚାୟତର ସରପଞ୍ଚମାନେ ଖୋଲା ବିରୋଧ କରିବା ସହ ହୋହାଲ୍ଲା କରିଥିଲେ। ସେମାନଙ୍କ ପଞ୍ଚାୟତରୁ ଆସିଥିବା ହିତାଧିକାରୀଙ୍କୁ ସଭାସ୍ଥଳିରୁ ନେଇ ଯାଉଥିବା ଦେଖି ଆୟୋଜକ ଜିଲ୍ଲା ପରିଷଦ ଅଧିକାରୀମାନେ ବୁଝାସୁଝା କରିବା ପରେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ମୁଖ୍ୟଅତିଥି ବିଧାୟକ ଶ୍ରୀ ବିଶ୍ୱାଳ ଉକ୍ତ ସରପଞ୍ଚମାନଙ୍କୁ ବୁଝାସୁଝା କରିବା ସହ ଅବଶିଷ୍ଟ ସମସ୍ତ ପଞ୍ଚାୟତରୁ ଆସିଥିବା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ପାଇଁ ଜିଲ୍ଲାପରିଷଦ କାର୍ଯ୍ୟାଳୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାପରେ ୨୦ଟି ପଞ୍ଚାୟତରୁ ଦୁଇ ଜଣ ଲେଖାଏଁ ହିତାଧିକାରୀମାନଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ ଅର୍ଥରାଶି ସହିତ କାର୍ଯ୍ୟାଦେଶ ଅତିଥିଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ଏହାପରେ ବଲାଙ୍ଗୀରଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ଜାତୀୟ ପଞ୍ଚାୟତିରାଜ ଦିବସର ସିଧାପ୍ରସାରଣ କରାଯାଇଥିଲା।





କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ, ଓରମାସ ଡେପୁଟି ସିଓ ରବୀନ୍ଦ୍ର ପ୍ରଧାନ, ଓଡ଼ିଶା ଜୀବିକା ମିଶନ ଜିଲ୍ଲା ପରିଚାଳକ ଶିଶିର କୁମାର ଷଡ଼ଙ୍ଗୀ, ଜିଲ୍ଲା କୋଷାଗାର ଅଧିକାରୀ ସୁରେଶ ଚନ୍ଦ୍ର ମାଝୀ, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତୀ ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, କାର୍ଯ୍ୟକ୍ରମ ପରିଚାଳକ ଆଶିଷ ବାରିକି, କାର୍ଯ୍ୟକ୍ରମ ପ୍ରଶିକ୍ଷକ ଦୀପକ କୁମାର ବେହେରା, ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲାପରିଷଦର କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ। କିନ୍ତୁ ତିନୋଟି ବ୍ଲକର ଅଧ୍ୟକ୍ଷ, ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ ସଦସ୍ୟଙ୍କ ସମେତ

### ୩ ବ୍ଲକ୍‌ର ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ ସଦସ୍ୟ ଅନୁପସ୍ଥିତ

ରିଆମାଳ ଓ ବାରକୋଟ ବ୍ଲକର ୫୦ ପଞ୍ଚାୟତର କୌଣସି ସରପଞ୍ଚ କିମ୍ବା ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ଜନ ପ୍ରତିନିଧିଙ୍କ ଦେଖା ନଥିଲା। ଫଳରେ ଜିଲ୍ଲାସ୍ତରୀୟ ପଞ୍ଚାୟତି ରାଜ ଦିବସ ପାଳନ ପ୍ରହସନ ପାଲଟିଥିବା ଅଭିଯୋଗ କରି ଉପସ୍ଥିତ ତିଳେଇବଣି ବ୍ଲକର ବହୁ ସରପଞ୍ଚ କ୍ଷୋଭ ପ୍ରକାଶ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ତେଲେଙ୍ଗାନାରେ ଫସିଛନ୍ତି ୨୯ ଓଡ଼ିଆ



**ବରଗଡ଼/ପାଇକମାଳ, ୨୪।୪(ସମିସ):** ବରଗଡ଼ ଓ ନୂଆପଡ଼ା ଜିଲ୍ଲାରୁ ଯାଇଥିବା ଓଡ଼ିଶାର ୭ଟି ପରିବାରର ୨୯ ଜଣ ଦାଦନ ଶ୍ରମିକ ତେଲେଙ୍ଗାନାର ଏକ ଇଟାଭାଟିରେ ଶ୍ରମିକ ଭାବେ କାମ କରିବାକୁ ଯାଇ ବନ୍ଧା ପଡ଼ିଛନ୍ତି। ଏହି ଶ୍ରମିକଙ୍କ ମଧ୍ୟରେ ୧୦ ଜଣ ପୁରୁଷ, ୭ ଜଣ ମହିଳା ଓ ୧୨ ଜଣ ଶିଶୁ ଅଛନ୍ତି। ସେମାନେ ତେଲେଙ୍ଗାନା ନିଜାମାବାଦ ଜିଲ୍ଲା ନରସିଂପଲ୍ଲୀ ଅଞ୍ଚଳର ମୁତାକପଲ୍ଲୀରେ ଥିବା ଏକ ଇଟାଭାଟିରେ କାମ କରୁଛନ୍ତି। ସେମାନଙ୍କୁ ଟଙ୍କା ଦିଆଯାଉନି। ଇଟାଭାଟି ମାଲିକ ଏମାନଙ୍କୁ ଘରକୁ ଛାଡୁ ନାହିଁ। ଅଟକ ରଖି ମାନସିକ ଓ ଶାରୀରିକ ନିର୍ଯାତନା ଦେଉଛି। ବରଗଡ଼ ଜିଲ୍ଲାର ପାଇକମାଳ ଥାନା ମିଠାପାଲି ପଞ୍ଚାୟତ ଲୌଡମାଲର ୪ ଜଣ, ଛିନ୍ଦେଇକେଲା ପଞ୍ଚାୟତ ମଖନମୁଣ୍ଡାର ୮ ଜଣ, କାଂସଢ ପଞ୍ଚାୟତ କାଂସଡ଼ାର ୭ ଜଣ, ଜାମସେଠ ପଞ୍ଚାୟତ ଭରୁଆମୁଣ୍ଡାର ୨ ଜଣ ଓ ଖରାମାଲ ଗ୍ରାମ ୪ ଜଣ ସହ ନୂଆପଡ଼ା ଜିଲ୍ଲାର ନୂଆପଡ଼ା ଥାନା କୋଟେନଚୁଆଁ ପଞ୍ଚାୟତ ଝାଞ୍ଜିମୁଣ୍ଡା ଗ୍ରାମରୁ ୪ ଜଣ ସେଠାରେ ଅଟକ ଅଛନ୍ତି। ଏହି ଘଟଣା ପାଇକମାଳ ବ୍ଲକର କେନାବୁଦା ଗ୍ରାମର ସାମାଜିକ କର୍ମୀ ବେଦବର ସାହୁଙ୍କ ନଜରକୁ ଆସିଥିବା ପରେ ସେ ତୁରନ୍ତ ସକ୍ରିୟ ହୋଇଛନ୍ତି। ସେ ଓଡ଼ିଶା ସରକାର, ତେଲେଙ୍ଗାନା ସରକାର ଓ ମାନବାଧିକାର କମିଶନଙ୍କୁ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଏହାର ତତ୍କାଳ ସମାଧାନ ପାଇଁ ଅପିଲ୍ କରିଛନ୍ତି। ଶ୍ରମିକମାନଙ୍କୁ ଶୀଘ୍ର ଉଦ୍ଧାର କରି ସୁରକ୍ଷିତ ଭାବେ ଘରକୁ ଫେରାଇବା ପାଇଁ ସେ ଜୋର ଦେଇଛନ୍ତି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା: ସ୍ୱାମୀ ଗିରଫ

**ଦେବଗଡ଼, ୨୪।୪(ସମିସ):** ଗତ ୨୧ ତାରିଖରେ ବାରକୋଟ ଥାନାଞ୍ଚଳ ଜରିଚାଖୁଣ୍ଟାପାଳ ଗ୍ରାମର ଏକ କୋଠରୀ ଭିତରୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣାରେ ପୁଲିସ ଆଜି ମୃତ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ସ୍ୱାମୀ ହେଲେ କୁମୁଦ ପ୍ରଧାନ(କୁନା)। ସୂଚନା ଯୋଗ୍ୟ, ପ୍ରାୟ ୧୮ ବର୍ଷ ପୂର୍ବେ ଜରିଚାଖୁଣ୍ଟାପାଳ ଗ୍ରାମର କୁମୁଦ ପ୍ରଧାନ(କୁନା)ଙ୍କ ସହ ମୃତା ରିଆମାଳ ଥାନାଞ୍ଚଳ ମୁଣ୍ଡଗୋହିରା ଗ୍ରାମର ଗଣେଶ୍ୱର ବଣିଚୂଳଙ୍କ ଝିଅ ମମତା ପ୍ରଧାନ(୩୮)ଙ୍କ ବିବାହ ହୋଇଥିଲା। ଗତ ୨୦ ତାରିଖ ରାତ୍ରିରେ ମମତା ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କ ସ୍ୱାମୀ କୁମୁଦ ଗତ ୨୧ ତାରିଖ ସକାଳେ ବାରକୋଟ ଥାନା ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ମମତାଙ୍କ ଝୁଲନ୍ତା ମୃତଦେହକୁ କୋଠରୀ ଭିତରୁ ଉଦ୍ଧାର କରିଥିଲା। ମୃତା ମୃତା ମମତାଙ୍କ ପିତା ବାରକୋଟ ଥାନାରେ ପହଞ୍ଚି ତାଙ୍କ ଝିଅ ମମତାଙ୍କୁ ସ୍ୱାମୀ କୁମୁଦ ଓ ତାଙ୍କ ପରିବାର ଲୋକେ ବିଭିନ୍ନ ସମୟରେ ନିର୍ଯାତନା ଦେଇଆସୁଥିଲେ। ସେମାନେ ମମତାଙ୍କୁ ହତ୍ୟା କରିଛନ୍ତି ବୋଲି ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ହତ୍ୟା ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା।

## ପାଣି ସମସ୍ୟା ନେଇ କାଉନସିଲରଙ୍କ ଉଦ୍‌ବେଗ

**ପଦ୍ମପୁର, ୨୪।୪(ସମିସ):** ପଦ୍ମପୁରରେ ପାନୀୟ ଜଳ ସମସ୍ୟା ଚିରାଚରିତରେ ପରିଣତ ହୋଇଛି। ଦୀର୍ଘ ବର୍ଷ ଧରି ଏହି ସମସ୍ୟା ଲାଗି ରହିଛି। ପ୍ରଶାସନ କିନ୍ତୁ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଇଚ୍ଛା ପ୍ରକାଶ କରୁନି। ଏହାଫଳରେ ପଦ୍ମପୁର ଜନ ସାଧାରଣ ପାଣି ଟୋପାଏ ପାଇଁ ତହଳ ବିକଳ ହେଉଛନ୍ତି। କାଉନସିଲର କୁନାଲ ପାଣିଗ୍ରାହୀ ଏଭଳି ଅଭିଯୋଗ କରି ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ଫୁଟବଲ ଖେଳାଳି ମହମ୍ମଦ ସକିଲଙ୍କ ଦେହାନ୍ତ

**ସୋହେଲା, ୨୪।୪(ସମିସ):** ସୋହେଲାର ସୁନାମଧନ୍ୟ ଫୁଟବଲ ଖେଳାଳି ସକିଲ ମହମ୍ମଦଙ୍କ ୬୧ ବର୍ଷ ବୟସରେ



ଆଜି ଦେହାନ୍ତ ହୋଇଯାଇଛି। ସେ ପ୍ରାୟ ୨ ବର୍ଷ ହେବ ଅସୁସ୍ଥତା ଯୋଗୁଁ ଚିକିତ୍ସିତ ହେଉଥିଲେ। ଆଜି ଦିନ ପ୍ରାୟ ଗୋଟାଏ ସମୟରେ ତାଙ୍କ ଶରୀର ଅତ୍ୟଧିକ ଅସୁସ୍ଥ ହେବାରୁ ପରିବାରବର୍ଗ ସୋହେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଷ୍ଟେସନରୁ ରକ୍ତାକ୍ତ ଅବସ୍ଥାରେ ମହିଳା ଉଦ୍ଧାର

**ବରଗଡ଼ ୨୪। ୪(ସମିସ):** ବରଗଡ଼ ରେଳ ଷ୍ଟେସନରେ ଜଣେ ଯୁବତୀଙ୍କୁ ଆକ୍ରମଣ ହୋଇଛି। ସାମାଜିକ କର୍ମୀ ସଂଘମିତ୍ରା ପଟେଲ ରେଳବାଇ ପୁଲିସ ସହଯୋଗରେ ତାଙ୍କୁ ଉଦ୍ଧାର କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ତାଙ୍କ ଘର ସମ୍ବଲପୁର କଟାପାଲିକୁ ବସ୍ ଯୋଗେ ପଠାଇ ଦିଆଯାଇଛି।



### ■ ବାସ୍ତୁବିହାର ଗୃହ ପ୍ରକଳ୍ପର ଗ୍ରାହକ ଠକାମୀର ଶିକାର

# ୧୨ ବର୍ଷ ପରେ ବି ମିଳୁନି ଆବଶ୍ୟକ କାଗଜପତ୍ର

**ରାଉରକେଲା, ୨୪।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲାର କୁଆଁରମୁଣ୍ଡାଠାରେ ଗତ ୨୦୧୪ ମସିହାରେ ଭୋଜପୁରୀ କଣ୍ଠଶିଳ୍ପୀ ତଥା ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ମନୋଜ ତିୱାରୀଙ୍କୁ ବ୍ରାଣ୍ଡ ଆମ୍ବାସଡ଼ର ଦେଖାଇ ବାସ୍ତୁ ବିହାର ହାଉସିଂ ପ୍ରୋଜେକ୍ଟ ଗୃହ ଆବଣ୍ଟନ କରିଥିଲା। ଏବେ ଏହି ପ୍ରକଳ୍ପର ଗ୍ରାହକମାନେ ଠକାମୀର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ପ୍ରକଳ୍ପ ଆରମ୍ଭର ୧୨ ବର୍ଷ ପରେ ବି ଗ୍ରାହକମାନଙ୍କୁ ସେମାନଙ୍କ ଘରର ଆବଶ୍ୟକ କାଗଜପତ୍ର ଦିଆଯାଉନି। ଯେଉଁ ବ୍ୟକ୍ତି ଏହାକୁ ପ୍ରତିବାଦ କରୁଛନ୍ତି, ତାଙ୍କୁ ତାର ମୂଳ ଟଙ୍କା ଫେରସ୍ତ କରି ଘର ଦେବାକୁ ମନା କରି ଦିଆଯାଉଛି ବୋଲି ଆଜି ବାସ୍ତୁ ବିହାର ଦ୍ୱାରା ଠକାମୀର ଶିକାର ହୋଇଥିବା କିଛି ଗ୍ରାହକ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୪ ମସିହାରେ ୮୦ଟି ୱାନ୍-ବିଏଚକେ ଓ ୧୬ଟି ଟୁ-ବିଏଚକେ ଘର ନିର୍ମାଣ କରି ଆବଣ୍ଟନ କରିବା ପାଇଁ ହୋମ ବାଇୟର୍ସ ଅଫ୍ ଟେକ୍ନୋ କଲଚର ବିଲଡିଂ ସେଣ୍ଟର ପ୍ରାଇଭେଟ ଲିମିଟେଡ ଅର୍ଥାତ ବାସ୍ତୁ ବିହାର ପକ୍ଷରୁ ଫର୍ମ ଗ୍ରହଣ କରାଯାଇ ଅଗ୍ରୀମ ଟଙ୍କା ଆଦାୟ କରାଯାଇଥିଲା। ସେତେବେଳେ ୱାନ୍-ବିଏଚକେ ଘରର ମୂଲ୍ୟ ୫ ଲକ୍ଷ ଓ ଟୁ-ବିଏଚକେ ଘରର ମୂଲ୍ୟ ୧୦ ଲକ୍ଷ ଟଙ୍କା ରଖାଯାଇଥିଲା। ରାଉରକେଲା, ସୁନ୍ଦରଗଡ଼, କୁଆଁରମୁଣ୍ଡା ସମେତ ପଡୋଶୀ ରାଜ୍ୟରୁ ବି ଲୋକ ଆସି ଘର ଅଗ୍ରୀମ ଦେଇ ଆବେଦନ

### ଅଭିଯୋଗ କଲେ ମିଳୁଛି ଧମକ

କରିଥିଲେ। ହେଲେ ଇତି ମଧ୍ୟରେ ୧୨ ବର୍ଷ ଅତିକ୍ରାନ୍ତ ହୋଇ ଯାଇଥିଲେ ହେଁ ମାତ୍ର କିଛି ଲୋକଙ୍କୁ ବାଦ୍ ଦେଲେ ପ୍ରାୟ ୮୦ ଜଣ ଆବେଦନକାରୀଙ୍କୁ ଘର ହସ୍ତାନ୍ତର କରାଯାଇ ନାହିଁ। ଗୃହ କ୍ରେତାମାନଙ୍କୁ ସେମାନଙ୍କ ଘରର ଆବଶ୍ୟକ କାଗଜପତ୍ର ଦିଆଯାଉନାହିଁ। ବିଲଡିଂର ପ୍ଲାନ ଆପ୍ରୁଭାଲ ଡକ୍ୟୁମେଣ୍ଟ, ବିଲ୍ଡିଂ ଭାଲ୍ୟୁଏସନ ଡକ୍ୟୁମେଣ୍ଟ, ରେରା ସାର୍ଟିଫିକେଟ, ଆରଡିଏ ଆପ୍ରୁଭାଲ ଡକ୍ୟୁମେଣ୍ଟ ଆଦି କିଛି ପ୍ରଦାନ କରାଯାଉ ନାହିଁ। ଏନେଇ ଯିଏ ନେବାକୁ ବାଧ କରୁଛି,



ତାଙ୍କୁ ସେମାନଙ୍କ ଜମା ଅର୍ଥ ବିନା ସୁଧରେ ଫେରସ୍ତ କରାଯିବା ସହ ସେମାନଙ୍କ ଘର କ୍ରୟ ଚୁକ୍ତିନାମାକୁ ଜୋରଜବରଦସ୍ତି ବାତିଲ କରିଦିଆଯାଉଛି। ଆଉ ଘର ପାଇ ନଥିବା ଲୋକଙ୍କୁ ନା ଟଙ୍କା ଫେରସ୍ତ କରାଯାଉଛି ନା ସୁଧ ସହ ଜମା ଟଙ୍କା ଫେରସ୍ତ କରାଯାଉଛି। ଯେଉଁମାନେ ଘରର ସବୁ ଡକ୍ୟୁମେଣ୍ଟ ନେବା ପାଇଁ ଜିଦ୍ ଧରୁଛନ୍ତି ସେମାନଙ୍କୁ ଆକ୍ରମଣର ଶିକାର ହେବାକୁ ପଡୁଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଗ୍ରାହକ ବିକାଶ ପ୍ରସାଦ, ମୌସୁମୀ ବିଶ୍ୱାସ, ଅନୀତା ପ୍ରଧାନ, ମାନୁ ଶ୍ରୀ, ଦୁର୍ଗା ପ୍ରସାଦ, ପୁନମ ଟପ୍ପୋ, କସ୍ତୁରୀ ଏବଂ ସରୋଜ ପ୍ରମୁଖ ଅଭିଯୋଗ କରିଥିଲେ। ଏନେଇ ବୀରମିତ୍ରପୁର ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ଲାଭ ହୋଇନାହିଁ ବୋଲି ସେମାନେ ସାମ୍ବାଦିକ ସମ୍ମିଳନୀରେ ସୂଚାଇଛନ୍ତି।

## ଗୋଲାମୁଣ୍ଡା ମଣ୍ଡଳସ୍ତରୀୟ ପଦାଧିକାରୀ ବୈଠକ

**ଗୋଲାମୁଣ୍ଡା, ୨୪।୪ (ସମିସ):** ଗୋଲାମୁଣ୍ଡା ସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ମଣ୍ଡଳସ୍ତରୀୟ ମାସିକ ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି।ବୈଠକରେ ମଣ୍ଡଳ ସଭାପତି ବୈଶାଖୁ କେତକୀ ସଭାପତିତ୍ୱ କରିଥିଲେ। ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଗତ ଜୁନାଗଡ଼ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ମନୋଜ କୁମାର ମେହେର, ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ଗୋଲାମୁଣ୍ଡା ମଣ୍ଡଳ ପ୍ରଭାରୀ ନିରୁପମା ନାଏକ, କେଗାଁ ମଣ୍ଡଳ ସଭାପତି ଜୟକୃଷ୍ଣ ସାହୁ, ଆଟିଗାଁ ମଣ୍ଡଳ ସଭାପତି ରୋଶନ ଭାଇ, ସହ ପ୍ରଭାରୀ ପ୍ରଦୀପ ପଣ୍ଡା ଏବଂ ମଣ୍ଡଳ ଉପ ସଭାପତି ଗଙ୍ଗା ବିଷ୍ଣୁ ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ପଞ୍ଚାୟତ ସ୍ତରୀୟ ନିର୍ବାଚନକୁ ଦୃଷ୍ଟିରେ ରଖି କଠିନ ପରିଶ୍ରମ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଦଳର ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ବୁଥସ୍ତରରେ ସଂଗଠନକୁ ମଜବୁତ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇଛନ୍ତି। ଯାହାକି ଆଗାମୀ ନିର୍ବାଚନରେ ବିଜେପିର ବିଜୟ ପାଇଁ ଏକ ମୂଳଦୁଆ ପକାଇବି ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦ ମତ ପ୍ରକାଶ କରିଥି। ବୈଠକରେ ଅଞ୍ଚଳର ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

**ଭବାନୀପାଟଣା, ୨୪।୪(ସମିସ):** ଚଳିତ ରବି (ଡାଲୁଆ) ଧାନ ଫସଲ ପାଇଁ କଳାହାଣ୍ଡି ଜିଲ୍ଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ ଶୁକ୍ରବାର ଭବାନୀପାଟଣାସ୍ଥିତ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି।ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଅଧ୍ୟକ୍ଷତା କରିଥିଲେ। ବୈଠକର ନିଷ୍ପତ୍ତିକ୍ରମେ ଆସନ୍ତା ମେ ୨୦ରୁ ଜିଲ୍ଲାର ୯୩ଟି ଧାନ ମଣ୍ଡିରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବ। ବୈଠକରେ ଚାଷୀ ଏବଂ ମିଲର୍ସ ମାନଙ୍କର ରହିଥିବା ସମସ୍ୟା ଓ ତାର କିପରି ସରଳ ସମାଧାନ କରାଯିବ ଆଲୋଚନା କରାଯାଇଥିଲା। ଜିଲ୍ଲାରେ ରବିଧାନ ସଂଗ୍ରହ ପ୍ରକ୍ରିୟା କିପରି ସୁଚାରୁରୂପେ ପରିଚାଳନା କରାଯିବା ଦିଗରେ ସମସ୍ତ ମିଲର୍ସ ଚାଷୀଙ୍କର ପୂର୍ଣ୍ଣ ସହଯୋଗ ରହିବା ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା। ଜିଲ୍ଲାରେ ଚଳିତ ୨୦୨୫-୨୬ ବର୍ଷରେ ରବି ଧାନ ବିକ୍ରୟ କରିବା ପାଇଁ ୫୬, ୬୩୯ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଗତ ବର୍ଷ ରବିଧାନ ବିକ୍ରୟ ପାଇଁ ୪୮, ୮୧୮ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ଫଳରେ ଗତ ବର୍ଷ ଠାରୁ ୭୮୨୧ ଜଣ ଅଧିକ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଛନ୍ତି। ସେହିପରି ଚଳିତ ବର୍ଷ ୯୩ ଟି ଧାନକ୍ରୟ କେନ୍ଦ୍ର କରାଯାଇଥିବା ବେଳେ ୨୬ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ପ୍ୟାକ୍ସ୍ ଓ ଲ୍ୟାମ୍ପସ୍ ଦ୍ୱାରା ଧାନ ସଂଗ୍ରହ କରାଯିବ। ଧାନ ଉଠାଣରେ ୯୭ରାଇସ ମିଲ୍‌କୁ ନିୟୋଜିତ କରାଯାଇଛି। ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ପ୍ରଧାନ, ଧର୍ମଗଡ଼ ଉପଜିଲ୍ଲାପାଳ

### ମେ ୨୦ରୁ ରବିଧାନ ସଂଗ୍ରହ

ପ୍ରେକ୍ଷା ଅଗ୍ରୱାଲ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ଡିଆର୍‌ସିଏସ୍ ସ୍ୱରୂପ କୁମାର କର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରମୋଦ କୁମାର ବେହେରା, ଡିଏମ୍‌ଏଫ୍‌ସିଆଇ. ପ୍ରଫୁଲ୍ଲ କୁମାର ସାହୁ, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି କେଶରୀ ଦୁର୍ଗା, ବିଧାୟକଙ୍କ ପ୍ରତିନିଧି, ଚାଷୀଙ୍କ ପ୍ରତିନିଧି, ମିଲର୍ସ, ପ୍ୟାକ୍ସ ଆର୍‌ଏମ୍‌ସିର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଭବାନୀପାଟଣା ଉପଜିଲ୍ଲାପାଳ ପରିଡ଼ା ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ସମସ୍ତଙ୍କ ସହଯୋଗ କାମନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତାକଡ଼ରେ ବିପଦସଂକୁଳ ଗଛ

**ପାଇକମାଳ, ୨୪।୪(ସମିସ):** ପାଇକମାଳ ଧର୍ମଶାଳା ନିକଟ ତଥା ନୃସିଂହନାଥ ମନ୍ଦିର ଯିବା ବାଟରେ ଏକ ବିରାଟକାୟ ଗଛ ବିପଦସଂକୁଳ ଅବସ୍ଥାରେ ରହିଛି। ଗଛର ନିମ୍ନ ଭାଗ ପୋଡି ଯାଇ ଫମ୍ପା ହୋଇଯାଇଛି। ହେଲେ ଗଛଟି ବଞ୍ଚିଛି। ଏହି ରାସ୍ତାରେ ଗଛକୁ ବାଟୋଇମାନେ ଦେଖିଲେ ଡରୁଛନ୍ତି। ଗଛଟି କେତେବେଳେ ମଧ୍ୟ ଭାଙ୍ଗି ପଡ଼ିବା ଆଶଙ୍କା ରହିଛି। ଗଛଟିକୁ କାଟିଦେବାକୁ ଲୋକେ ପ୍ରଶାସନକୁ ଜଣାଇ ଥିଲେ ସୁଦ୍ଧା କେହି ଶୁଣୁନାହାନ୍ତି। ଗତ କିଛି ଦିନ ତଳେ ପାଇକମାଳରେ ପଞ୍ଚାୟତ ସମିତି ବୈଠକ ତଥା



ପ୍ରସିଦ୍ଧ ବୈଶାଖ ମେଳା ବୈଠକରେ ପାଇକମାଳ ସାମ୍ବାଦିକ ସଂଘର କର୍ମକର୍ତ୍ତା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଗଛଟି ଯଦି ପବନ କିମ୍ବା ବର୍ଷା ଯୋଗୁଁ ଭାଙ୍ଗି ଯାଏଁ ତେବେ ଗଛ ନିକଟରେ ଥିବା ୧୧କେଭି ଓ ଏଲଟି ବିଦ୍ୟୁତ ତାର ଥିବା ଯୋଗୁଁ ଧନ ଜୀବନ ନଷ୍ଟ ହେବ। ବୈଶାଖ ମେଳାକୁ ଏହି ବାଟ ଦେଇ ଦିନ ରାତି ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଯିବା ଆସିବା କରିବେ। ତେଣୁ ଏହାର ବିଚାର କରିବାକୁ ସାମ୍ବାଦିକ ବଡ ଶତପଥୀ, ଗିରିଶ ଚନ୍ଦ୍ର ମାଝିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଦାବି କରିଛନ୍ତି।

### ସ୍ୱସ୍ତି ଝଙ୍କାରର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

# ପଞ୍ଚମ ସନ୍ଧ୍ୟାରେ 'ଅନନ୍ୟ' ମଞ୍ଚସ୍ଥ

**ରାଉରକେଲା, ୨୪।୪(ସମିସ):** ସ୍ୱସ୍ତି ଝଙ୍କାର ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ଆଜି ସମ୍ବଲପୁରର କଖଗ ନାଟ୍ୟ ସଂସ୍ଥା ଦ୍ୱାରା



ପ୍ରସ୍ତୁତ ନାଟକ 'ଅନନ୍ୟ 'ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ବ୍ରଜେନ୍ଦ୍ର ନାୟକ ନାଟକ ରଚନା, ନିର୍ଦ୍ଦେଶନା ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ସଞ୍ଜୟ ମିଶ୍ର ମଞ୍ଚସଜ୍ଜା କରିଥିବା ବେଳେ ଆଲୋକ ସଜ୍ଜା କରିଥିଲେ ସିଦ୍ଧାର୍ଥ ହୋତା। ସୌମେନ୍ଦ୍ର ପୂଜାରୀ, ମିନାକ୍ଷୀ ସୁପକାର ଓ ମନୋଜ ବେହେରା ପ୍ରମୁଖ ଅଭିନୟ କରିଥିଲେ। ନାଟକଟି ସାମ୍ପ୍ରତିକ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଅସ୍ମିତାର ବିଭିନ୍ନ ସମସ୍ୟା ଉପରେ ଆଧାରିତ ଥିଲା। କାର୍ଯ୍ୟକ୍ରମକୁ ବିଶିଷ୍ଟ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଦର୍ଶକ ଭାବେ ଶିକ୍ଷାବିତ୍ତ ଇଂ ଆଲୋକ ରଞ୍ଜନ ମଲ୍ଲିକ ଯୋଗ ଦେଇଥିଲେ। ଅନୁଷ୍ଠାନର ଉପ ସଭାପତି ଡ. ଅଜୟ ମିଶ୍ର ସ୍ୱାଗତ ଭାଷଣ ସହ ଅଧ୍ୟକ୍ଷତା କରିଥିଲେ। ଅଜୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲା ବେଳେ କାର୍ଯ୍ୟକ୍ରମକୁ ନିରୁପମା ପତି ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଦୀପ ନାୟକ, ବିଜୟ ପାତ୍ର, ପ୍ରଳୟ ଶତପଥି, କଲ୍ୟାଣୀ ଦାସ, ରୁନୁ ବେକ, କନକ ଲତା ଦାସ, ପ୍ରଜ୍ଞାନନ୍ଦ ମହାନ୍ତି, ଆଲୋକ ବୋଷ, ସରୋଜ କାନ୍ତ ଜେନା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବିଶିଷ୍ଟ ସମାଜସେବୀ ଛଗନ ଲାଲ ଜୈନଙ୍କୁ ମାତାଞ୍ଜଳି ସ୍ମୃତି ସେବା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।

### ଭେଡେନ ନଦୀରୁ କମ୍ପାନୀର ଜଳ ଉଠାଣ ଘଟଣା

# ତଦନ୍ତ ପାଇଁ ଡ୍ୟାମ୍ ବିଭାଗକୁ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ଝାରସୁଗୁଡା, ୨୪।୪(ସମିସ)**

ଝାରସୁଗୁଡା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଭେଡେନ ନଦୀରୁ ଏକ କମ୍ପାନୀ ଦ୍ୱାରା ବେଆଇନ ଭାବେ ଜଳ ଉଠାଣ କରାଯାଉଥିବା ନେଇ ଅଭିଯୋଗ ହୋଇଥିବା ବେଳେ ଏହି ଘଟଣାକୁ ନେଇ ଶୁକ୍ରବାର ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପରିସରରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉପସ୍ଥିତ ଥିବା ବୁର୍ଲା ଡ୍ୟାମ୍ ଡିଭିଜନର ସୁପରିଟେଣ୍ଡିଂ ଇଞ୍ଜିନିୟର ସ୍ପଷ୍ଟ କରିଥିଲେ, ୨୦୨୫ ନଦୀବନ୍ଧ ଅଧିନିୟମ ଅନୁଯାୟୀ କୌଣସି କମ୍ପାନୀ କିମ୍ବା ସଂସ୍ଥା ନଦୀର ପ୍ରାକୃତିକ ପ୍ରବାହକୁ ବାଧାପ୍ରାପ୍ତ କରିପାରିବେ ନାହିଁ। ନଦୀ ଗର୍ଭରେ କୂଅ ଖୋଳି କୃତ୍ରିମ ଉପାୟରେ ପାଣି ନେବା ସମ୍ପୂର୍ଣ୍ଣ ବେଆଇନ। କେବଳ ନଦୀ ଜଳସ୍ତର ସାଧାରଣ ଥିଲେ ଏବଂ ପ୍ରାକୃତିକ ପ୍ରବାହ ଜାରି ରହିଥିଲେ ହିଁ କମ୍ପାନୀ ପାଣି ନେଇପାରିବେ ବୋଲି ସେ ମତ ଦେଇଛନ୍ତି। ସ୍ଥାନୀୟ ଜମେରା, ହିର୍ମା ଓ ମଲଦା ପଞ୍ଚାୟତର ସରପଞ୍ଚ ଏବଂ ଜିଲ୍ଲା ପରିଷଦ ସଦସ୍ୟ ଦିଗାମ୍ବର ଭୋଇ ନଦୀରୁ ବେଆଇନ ଜଳ ଉଠାଣ ଯୋଗୁଁ ସୃଷ୍ଟି ହେଉଥିବା ସମସ୍ୟା ବାବଦରେ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଥିପାଇଁ କଠୋର ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଅନ୍ୟପଟରେ ବୈଠକରେ ଝାରସୁଗୁଡା ଉପଜିଲ୍ଲାପାଳ ଏହି ଘଟଣାର ସ୍ଥଳ ଅନୁଧାନ କରିବାକୁ ଡ୍ୟାମ୍ କର୍ତ୍ତୃପକ୍ଷ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ତହସିଲଦାର ସଦାକର କୁମ୍ଭାର କହିଛନ୍ତି। ଏହି ମିଳିତ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିବା ସହ ତଦନ୍ତ ରିପୋର୍ଟ ପ୍ରଦାନ କରିବେ। ରିପୋର୍ଟ ଆସିବା ପରେ କମ୍ପାନୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏହି ବୈଠକରେ ଏସ୍‌ଏମ୍‌ସି କମ୍ପାନୀର ଏଜିଏମ ଜଗଦୀଶ ସାହୁ, ବଡ଼ମାଲ ଓ ସଦରଥାନା ଆଇଆଇସିଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।



